# ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନେଇ ପ୍ରଚାର ଆରମ୍ଭ କଲେ ବିଦ୍ୟାସ୍ମିତା

ବାଲେଶ୍ୱର, ୨୨।୪(ସମିସ)

ବାଲେଶ୍ୱର ଜିଲ୍ଲାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀ ହେଉଛି ରେମୁଣା। ଅନୁସୂଚିତ ଜାତି ପାଇଁ ଉଦ୍ଦିଷ୍ଟ ଏହି ବିଧାନସଭା ଆସନରେ ହେବାକୁ ଯାଉଛି କଡ଼ା ଟକ୍କର। ରେମୁଣା ବ୍ଲକ ପତ୍ରିପାଳ ପଞ୍ଚାୟତର

## ଦୁଇ ପୂର୍ବତନ ବିଧାୟକଙ୍କୁ ଦେବେ କଡ଼ା ଟକ୍କର

ସରପଞ୍ଚ ତଥା ସ୍ୱୟଂ ସହାୟିକା ଗୋଷ୍ଠୀର ତୃଣମୂଳସ୍ତରର ନେତ୍ରୀ ବିଦ୍ୟାସ୍ମିତା ମହାଳିକଙ୍କୁ ବିଜେଡି ପ୍ରାର୍ଥୀ ଭାବେ ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସଏଚଜି ମହିଳାଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ଆସୁଥିବା ବେଳେ ବିଦ୍ୟାସ୍ମିତାଙ୍କ ନାମ ଘୋଷଣା କରିବା



ପରେ ସ୍ଥାନୀୟ ଅଞ୍ଚଳର ମହିଳାମାନଙ୍କ ଖୁସିର ସୀମା ନାହିଁ। ଗତକାଲି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଆର୍ଶୀବାଦ ନେଇଥିଲେ। ଆଜି ସକାଳେ ସ୍ଥାନୀୟ କନକ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରି ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି ବିଦ୍ୟାସ୍ମିତା। ଦଳୀୟ ନେତା ଓ କର୍ମୀମାନଙ୍କ ସହିତ ମିଶି ସେ ଆଗାମୀ ନିର୍ବାଚନୀ ରଣକୌଶଳ ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି। ରେମୁଣା ନିର୍ବାଚନମଣ୍ଡଳୀରୁ ବିଦ୍ୟାସ୍ମିତାଙ୍କ ସମ୍ମୁଖରେ ଅଛନ୍ତି ଦୁଇ ପୂର୍ବତନ ବିଧାୟକ। ବିଜେପି ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସରୁ ପୂର୍ବତନ ବିଧାୟକ ସୁଦର୍ଶନ ଜେନା ପ୍ରାର୍ଥୀ ହୋଇଛନ୍ତି। ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ରହିବା ପରେ ପତ୍ରିପାଳ ସରପଞ୍ଚ ଦାୟିତ୍ୱ ତୁଲାଉ ଥିଲେ ବିଦ୍ୟାସ୍ମିତା। ଏବେ ନିର୍ବାଚନୀ ମଇଦାନରେ ଦୁଇ ପୂର୍ବତନ ବିଧାୟକଙ୍କୁ ଟକ୍କର ଦେବାକୁ ମଇଦାନ ପ୍ରସ୍ତୁତିରେ ଲାଗିଥିବା ବେଳେ ସ୍ଥାନୀୟ ଅଞ୍ଚଳର ଏସଏଚଜି ମହିଳାମାନଙ୍କ ଶୁଭେଚ୍ଛା ଓ ସହଯୋଗର ସୁଅ ଛୁଟୁଛି।

# ଶ୍ରୀସତ୍ୟନାରାୟଣ ମହାପ୍ରଭୁଙ୍କ ମହାଯଜ୍ଞ



ନୀଳଗିରି, ୨୨।୪(ସମିସ): ନିଳଗିରି ଏନ୍ଏସି ସିମୁଳିଆ ଗ୍ରାମରେ ଶ୍ରୀ ସତ୍ୟନାରାୟଣ ମହାପ୍ରଭୁଙ୍କ ୭୯ତମ ମହାଯଜ୍ଞ ୭ଦିନ ବ୍ୟାପୀ ଅନୁଷ୍ଠିତ ହୋଇଛି। ୧୯୪୫ ମସିହା ଠାରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ମହାସମାରୋହରେ ପାଳିତ ହୋଇ ଯାଇଛି। ୧୯୪୫ ମସିହାରେ ଅନାବୃଷ୍ଟି ଦେଖା ଯାଇଥିବା ବେଳେ ବର୍ଷା ପାଇଁ ଏହି ମହାଯଜ୍ଞ ଆରମ୍ଭ ହୋଇଥିବାର ପୂର୍ବଜମାନେ କହିଥିଲେ। ମହାଯଜ୍ଞ ଆରମ୍ଭ ପରେ ପରେ ପ୍ରବଳ ବର୍ଷା ହୋଇଥିଲା। ସେବେଠାରୁ ଏପର୍ଯ୍ୟନ୍ତ ସାତ ଦିନ ଧରି ମହାଯଜ୍ଞ ପୂଜା ହୋଇ ଆସୁଅଛି। ସ୍ୱର୍ଗତ ପାଣ୍ଡବ ଦଳାଇ, ପୂର୍ଣ୍ଣ ଚନ୍ଦ୍ର ଷଡ଼ଙ୍ଗୀ ବାବାଜୀ ମହଲ ଅକ୍ଷୟ ମହାନ୍ତି, ବାଞ୍ଛାନିଧି ରାଉତ, ବ୍ରଜବନ୍ଧୁ ମହଲ ପ୍ରାଣବନ୍ଧୁ ମହଲ ବାଇଧର ବେହେରା, ମଦନ ବେହେରା, ଗୋପୀନାଥ ଗୋଚ୍ଛାୟତ, ରାମନାଥ ବେହେରା, ରଘୁନାଥ ଦଳାଇ, କହ୍ନେଇ ଲେଙ୍କା, ନାରାୟଣ ପ୍ରଧାନ ପ୍ରମୁଖ ଏହି ମହାଯଜ୍ଞ ପୂଜା ପ୍ରଥମେ ଆରମ୍ଭ କରିଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ସହଯୋଗରେ ପ୍ରତିବର୍ଷ ଚୈତ୍ର ମାସ ନବମୀ ଠାରୁ ଆରମ୍ଭ ହୋଇ ସାତ ଦିନ ଧରି ମହାଯଜ୍ଞ, ପୂଜା ମହାସମାରୋହରେ ଅନୁଷ୍ଠିତ ହେଉଅଛି। ଗ୍ରାମରେ ସାତ ଦିନ ଧରି ଆମିଷ ନିଷେଧ କରାଯାଇଥିବା ବେଳେ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସୁଦର୍ଶନ ଦଳାଇ, ଶିବ ନାରାୟଣ ଷଡ଼ଙ୍ଗୀ, ରବୀନ୍ଦ୍ର ମହଲ, ରାମଚନ୍ଦ୍ର ମହଲ, ପ୍ରଫୁଲ୍ଲ ଦଳାଇ, ହେମନ୍ତ ବେହେରା, ମିଟୁ ବେହେରା, ଆଲୋକ ବେହେରା, ରାଜେନ୍ଦ୍ର ମହଲ, ମୁନା ମହଲ ଓ ବିଷ୍ଣୁ ମହଲ ସହଯୋଗ କରିଥିଲେ।

# ରଣକୋଠା ହାଟରେ ସାର୍ବଜନୀନ ନାମ ମହାଯଜ୍ଞ



ଚନ୍ଦନେଶ୍ୱର, ୨୨।୪(ସମିସ): ଆଧୁନିକ ମାନବ ଜୀବନ ମୋହ, ମାୟା ଓ ଅହଂକାର ପ୍ରଭାବରେ ଦିଗହରା। କଳିହତ ମାନବର ପରକାଳର ସଦ୍‌ଗତି ଓ ଆତ୍ମାର ତୃପ୍ତି ନିମନ୍ତେ ହରିନାମ ଏବଂ ଅନ୍ନଦାନ ସର୍ବ ଉତ୍କୃଷ୍ଟ। ସତ୍ୟଯୁଗରେ ତପଶକ୍ତି, ତ୍ରେତୟା ଯୁଗରେ ମନ୍ତ୍ରଶକ୍ତି, ଦ୍ୱାପରରେ ଯୁଦ୍ଧଶକ୍ତି ଓ କଳିଯୁଗରେ ନାମ ସଂକୀର୍ତ୍ତନର ଶକ୍ତି ତଥା 'ହରିନାମ ଉକ୍ତିକୁ ଭିତ୍ତି କରି ସମସ୍ତେ ଐକାନ୍ତିକ ହୃଦୟରେ ହରିହାଟରେ ମଜ୍ଜାଯାଇ ଭୋଗରାଇ ବ୍ଲକର ଟୁକୁରୀହାଜିରା ପଞ୍ଚାୟତ ଅଧୀନ ରଣକୋଠା ହାଟଠାରେ ନାମ ମହାଯଜ୍ଞ ଆରମ୍ଭ ହୋଇଯାଇଛି। ଶନିବାର ପୂର୍ବାହ୍ଣ ୮ଟାରେ ୨୪ ପ୍ରହର ହରିନାମ ସଂକୀର୍ତ୍ତନ ଆରମ୍ଭ ଓ ସନ୍ଧ୍ୟା ୬ ଘଟିକାରେ ସର୍ବମେଳୀ ଅନୁଷ୍ଠିତ ହୋଇଯାଇଛି। ୨୧ ଓ ୨୨ ତାରିଖ ରବିବାର ଓ ସୋମବାର ନଗରକୀର୍ତ୍ତନ ଓ ସନ୍ଧ୍ୟା ୭ ଘଟିକାରେ ସର୍ବମେଳୀ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟା ୭ ଘଟିକାରେ ଦଧୀଯାତ୍ରା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କାର୍ଯ୍ୟସୂଚୀ ଅନୁଯାୟୀ ପରିଚାଳିତ ହୋଇ ଆସୁଛି। ଗୋଛଦା ତେଘରୀ ଓ ନାଫରାଇ ମନ୍ଦିରର ମହାପ୍ରଭୁଙ୍କୁ ଆଣି ପୂଜାର୍ଚ୍ଚନା କରାଯାଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସଭାପତି ଅନନ୍ତ ପ୍ରଧାନ, ଉପସଭାପତି ଜ୍ଞାନେନ୍ଦ୍ର ଦଳାଇ, ସମ୍ପାଦକ ସୁଶାନ୍ତ କୁମାର ଜେନା, ସହସମ୍ପାଦକ କୁଶ କୁମାର ଦଳାଇ ଓ ନେପାଳ ଭୋଳ, ସହିତ ଜ୍ଞାନେନ୍ଦ୍ର ମଣ୍ଡଳ, ଜୟନ୍ତ ପ୍ରଧାନ, ରାମକୃଷ୍ଣ ଚନ୍ଦ, କ୍ଷୀତିଶ ଦଳାଇ, ଶୁଶାନ୍ତ ସେନାପତି, ଚନ୍ଦନ ଦାସ, ଗୌରିଶ୍ୟାମ ଗିରି ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିଛନ୍ତି।

# ଅଙ୍ଗନବାଡ଼ି କେନ୍ଦ୍ରରେ କର୍ମୀଙ୍କ ଆତ୍ମହତ୍ୟା

ସୋର, ୨୨।୪(ସମିସ): ସୋର ବ୍ଲକ ଆଟପୁର ପଞ୍ଚାୟତ ହଂସୀପାଟଣା ଗ୍ରାମର ଜଣେ ଅଙ୍ଗନବାଡ଼ି କର୍ମୀ କେନ୍ଦ୍ର ପରିସରରେ ଆତ୍ମହତ୍ୟା କରିଛନ୍ତି। ଏହି ଗ୍ରାମର ସବିତା ମହାନ୍ତି (୪୦) ଗତ ୮ ବର୍ଷ ଧରି ସ୍ଥାନୀୟ ହଂସୀପାଟଣା ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟରତ



ଥିଲେ। ଆଜି ସକାଳେ କେନ୍ଦ୍ରକୁ ଯାଇଥିବା ବେଳେ ଛୁଟି ପରେ ପିଲାମାନଙ୍କୁ ତାଙ୍କ ଘରେ ଛାଡ଼ିଥିଲେ। ସେଠାରୁ ଫେରିବା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପରେ ଅଙ୍ଗନବାଡ଼ି କେନ୍ଦ୍ରରେ ଚାବି ଭିତର ପଟୁ ପଡ଼ିଥିବା ଦେଖି ଚାବି ଭାଙ୍ଗିବା ପରେ ସବିତାଙ୍କୁ ଫ୍ୟାନରେ ବେକରେ ରଶି ଲଗାଇ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ସବିତାଙ୍କର ୧୭ ବର୍ଷୀୟ ପୁଅ ଗତ ଦୁଇମାସ ତଳେ ବେକରେ ରାଶି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ସେବେଠାରୁ ସେ ମାନସିକ ଭାରସାମ୍ୟ ହରାଇ ବସିଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ଫ୍ଲାଟ୍ ମାଲିକ ସଂଘର ସଦସ୍ୟମାନଙ୍କ ପାଇଁ ଭୋଟର ସଚେତନା ସଭା

ବାଲେଶ୍ୱର, ୨୨।୪(ସମିସ): ଏକକାଳୀନ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଗାନ୍ଧୀ ସ୍ମୃତି ଭବନଠାରେ ସହରର ଫ୍ଲାଟ ମାଲିକ ସଂଘର ସଦସ୍ୟମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗ ଦେଇଥିବା ୨୫ରୁ ଉର୍ଦ୍ଧ୍ୱ ପ୍ରତିନିଧିମାନଙ୍କୁ ଦାୟିତ୍ୱବାନ ଭୋଟର ଭାବେ ସେମାନଙ୍କ ଭୂମିକା ଏବଂ ଦାୟିତ୍ୱ ସମ୍ପର୍କରେ ସଚେତନ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଉପସ୍ଥିତ ସଦସ୍ୟମାନେ ନିଜ ନିଜର ମତାଧିକାରକୁ ଅବାଧ ଓ ନ୍ୟାୟପୂର୍ଣ୍ଣ ଭାବେ ବ୍ୟବହାର କରିବେ ବୋଲି ଶପଥ ନେଇ ସଭା ଆରମ୍ଭ କରିଥିଲେ। ଶପଥ ଗ୍ରହଣ କରି ସଦର ବିଡିଓ ସମରଜିତ କର ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ବଳିଷ୍ଠ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଭୋଟର ପଞ୍ଜୀକରଣ, ମତଦାନ କେନ୍ଦ୍ରରେ ଚିହ୍ନଟ ଆବଶ୍ୟକତା, ଭିନ୍ନକ୍ଷମ ଭୋଟରଙ୍କ ପାଇଁ ଉପଲବ୍ଧ ବ୍ୟବସ୍ଥା ଏବଂ ପ୍ରାର୍ଥୀଙ୍କ ସୂଚନା ପାଇବା ପାଇଁ ଅନଲାଇନ ସମ୍ବଳକୁ ନେଇ ରହିଥିବା ବିଭିନ୍ନ ସନ୍ଦେହକୁ ସେ ସ୍ପଷ୍ଟ କରିଥିଲେ। ଏହି ସଚେତନତା ଅଧିବେଶନ ପରେ ବିଭିନ୍ନ ଫ୍ଲାଟ୍ ମାଲିକ ସଂଘର ନେଇଥିଲେ। ଅଧିକ ଭୋଟର ଅଂଶଗ୍ରହଣ ଏବଂ ସମସ୍ତ ଜନସଂଖ୍ୟାରେ ମତଦାନକୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ



ପ୍ରତିନିଧିମାନେ ଦାୟିତ୍ୱବାନ ଭାବେ ଭୋଟ ଦେବା ସହ ନିଜ ଫ୍ଲାଟରେ ଥିବା ଭୋଟରଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ଶପଥ ଅଧିକାରୀ ଆଶୀଷ ଠାକରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠିତ କରାଯାଇଛି।

# ଶିଶୁ ସଙ୍ଗୀତ ପ୍ରତିଯୋଗିତାରେ ସଙ୍ଗୀତ ଗୁରୁଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର, ୨୨।୪(ସମିସ): ନୋସି ଉତ୍କଳାରେ ସପ୍ତାହନ୍ତ ସାଂସ୍କୃତିକ ସନ୍ଧ୍ୟାକୁ ପୁନଃପ୍ରଚଳନ ଆଭିମୁଖ୍ୟ ରଖି ନୋସି କଲଚରାଲ ଏକାଡେମି ତରଫରୁ ତୃତୀୟ ଅର୍ଘରେ ଶିଶୁ ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଛି। ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳର ମୋଟ ୫୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବରେ ସମାଜସେବୀ ଡ. ଉପେନ୍ଦ୍ର ନାଥ ପାତ୍ର, ସମ୍ମାନିତ ଅତିଥି ଭାବରେ ସଙ୍ଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ, ସମାଜସେବୀ ଗୋବିନ୍ଦ ଦଳାଇ, ନୋସିର ଉପସଭାପତି ସୁବ୍ରତ ନାୟକ ଯୋଗଦେଇ ଥିବାବେଳେ ଶିଳ୍ପୀ କେଶୁଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରତିଯୋଗିତାକୁ ଏମସି ସତ୍ୟମ୍ ପରିଚାଳନା କରିଥିବାବେଳେ ରୁଦ୍ର ପ୍ରସାଦ ବଳ ଧନ୍ୟବାଦ ଦେଇଥିଲେ। ମମତା ହାଜରା (ଓଡ଼ିଶୀ), ସୁଜିତ କୁମାର ଭୋଇ (ପ୍ରଚ୍ଛଦପଟ ଗାୟକ), କୁମାର ସୋମୁ (ସଙ୍ଗୀତ ନିର୍ଦ୍ଦେଶକ), ବ୍ରଜେଶ ପଦ ପଣ୍ଡା (ଶାସ୍ତ୍ରୀୟ), ମଧୁସୂଦନ ନାୟକ (ଲୋକଗୀତ), ଅମରେଶ କୁମାର ପାତ୍ର (ସଙ୍ଗୀତ ନିର୍ଦ୍ଦେଶକ), କୁମାର ବାପିରାଜ (ସୁଫି ଗାୟକ), ଗୋପିନାଥ ପାଣିଗ୍ରାହୀ (ସଙ୍ଗୀତ ନିର୍ଦ୍ଦେଶକ) ପ୍ରମୁଖ ଯୁବ ସଙ୍ଗୀତ ଗୁରୁମାନଙ୍କୁ ଏକାଡେମୀ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। 'କ' ବିଭାଗରେ ଦିବ୍ୟାଂଶୁ ନାୟକ, ଦେବୀଦର୍ଶିନୀ ଦଳାଇ, ଉପାଶା ପ୍ରଧାନ, 'ଖ' ବିଭାଗରେ ନବୀନ ଚନ୍ଦ୍ର ନନ୍ଦ, ନୀତିଶ୍ରୀ ମହାନ୍ତି, ଆର୍ ତନୀଶ କୁମାର ଏବଂ 'ଗ' ବିଭାଗରେ ରାକେଶ ମଣ୍ଡଳ, ଅମୃତମ୍ ଧାଡ଼ା, ସ୍ୱାତୀସ୍ମିତା ଦାସ ଓ ଦୀବ୍ୟା ଦେବାଂଶୀ ପଟେଲ ସ୍ୱତନ୍ତ୍ର ପୁରସ୍କାର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମକୁ ନୋସିର କର୍ମକର୍ତ୍ତା ପ୍ରଶାନ୍ତ ବେହେରା, ସୁନାରାମ ସିଂ, ରାଘବ ବିଶ୍ୱାଳ ଓ ଶଶାଙ୍କ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଅସହାୟ ମହିଳାଙ୍କୁ ଆଦର୍ଶ ଯୁବ ପରିଷଦର ସହାୟତା



ସୋର, ୨୨।୪(ସମିସ): ବାହାନଗା ବ୍ଲକ ଅସୀମିଳା ଗ୍ରାମର ଲକ୍ଷ୍ମୀ କମିଳା ନାମକ ମହିଳାଙ୍କୁ ସହାୟତା କରିଛନ୍ତି ଆଦର୍ଶ ଯୁବ ପରିଷଦ। ଲକ୍ଷ୍ମୀ କମିଳା ଯାହାଙ୍କର ବର୍ତ୍ତମାନ ଦୁଇଟି କୀଡ଼ନୀ ଖରାପ ହୋଇଯାଇଛନ୍ତି। ସେ ୨୦ ବର୍ଷ ପୂର୍ବରୁ ଉତ୍ତର ପ୍ରଦେଶରେ ବିବାହ କରିଥିଲେ। ସେଠାରେ ନିର୍ଯାତନା ସହି ନପାରି ନିଜର ଦୁଇଟି ପିଲାଙ୍କୁ ଧରି ଅସୀମିଳା ପଳେଇ ଆସିଥିଲେ। ସେବେ ଠାରୁ ତାଙ୍କର ନିଜ ସ୍ୱାମୀଙ୍କ ସହ କୌଣସି ସମ୍ପର୍କ ଆଉ ନାହିଁ। ପିଲା ଦୁଇଟିଙ୍କୁ କିପରି ମଣିଷ କରିବେ ସେହି ଚିନ୍ତାରେ ସେ ଦିନ ମଜୁରିଆ ରୂପେ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ ମାତ୍ର ସେ କିଡିନୀ ରୋଗ ରେ ଆକ୍ରାନ୍ତ ହେବା ଦ୍ୱାରା ଚିକିତ୍ସାରେ ସମସ୍ତ ଅର୍ଥ ବିନିଯୋଗ କରିସାରିଛନ୍ତି ମାତ୍ର ଆରୋଗ୍ୟ ହୋଇ ପାରି ନାହାନ୍ତି। ଏପଟେ ଦୁଇଟି ଝିଅଙ୍କର ପାଠପଢ଼ା ବୋଝ ବଡ଼ ଝିଅ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ସାନ ଝିଅ ନବମ ଶ୍ରେଣୀକୁ ଉତୀର୍ଣ୍ଣ ହୋଇଛନ୍ତି। କେମିତି ପିଲାଙ୍କୁ ପାଠ ପଢ଼ାଇବେ ଏବଂ ପରିବାର ପୋଷିବେ ଏହି ଚିନ୍ତା କରି ଆଖିରୁ ଲୁହ ଗଡ଼ାଉଛନ୍ତି। ଘରେ ଓଳିଏ ଖାଇଲେ ଓଳିଏ ଉପାସ ରହିବାକୁ ପଡୁଛି। ରହିବାକୁ ଜମି ପଟ୍ଟା ନାହିଁ କି ମୁଣ୍ଡ ଗୁଞ୍ଜିବାକୁ ଘର ଟିଏ ନାହିଁ। ଭଡା ଘରେ ବର୍ତ୍ତମାନ ତାଙ୍କ ପରିବାର ସହ ରହୁଛନ୍ତି। ଏହି ଦୁଃଖଦ ଖବର ସୋରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ଯୁବ ପରିଷଦ ପାଇବା ପରେ ଲକ୍ଷ୍ମୀଙ୍କ ଘର କୁ ସମସ୍ତ ସଦସ୍ୟ ଯାଇ ଉକ୍ତ ପରିବାର କୁ ୧୦୦୦୦ ଟଙ୍କା ର ଆର୍ଥିକ ସହାୟତା ସହ ଦୁଇ ମାସର ରେସନ ଏବଂ ବସ୍ତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ପ୍ରଶାସନ ଏହି ପରିବାରକୁ ସହାୟତା ଦେବାକୁ ସମସ୍ତ ସଦସ୍ୟ ନିବେଦନ କରିଥିଲେ। ଦୁଇ ମେଧାବୀ ଛାତ୍ରୀଙ୍କ ମଧ୍ୟରୁ ସାନ ଝିଅ ଭଲ ସଙ୍ଗୀତ ଗାନ କରୁଥିବାରୁ ତାଙ୍କୁ ସହାୟତା ମିଳିଲେ ସେ ଆଗାମୀ ଦିନରେ ଜଣେ ଭଲ ଗାୟିକା ହୋଇ ପାରିବେ ବୋଲି ଆଶା ବ୍ୟକ୍ତ ସଦସ୍ୟ ମାନେ କରିଥିଲେ। କୌଣସି ସହୃଦୟ ବ୍ୟକ୍ତି କିମ୍ବା ସ୍ୱେଚ୍ଛାସେବୀ ଏହି ଅଭାବୀ ପରିବାରକୁ ସହାୟତା ଦେବାକୁ ଚାହୁଁଥିଲେ ଏହି ମୋବାଇଲ ନମ୍ବର ୯୦୪୦୪୫୪୩୧୧ରେ ଯୋଗାଯୋଗ କରି ପାରିବେ।

# ଘରୋଇ କଳହରୁ ଯୁବକଙ୍କ ଆତ୍ମହତ୍ୟା

ସୋର, ୨୨।୪(ସମିସ): ସୋର ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତ କୁଡ଼େଇ ଗ୍ରାମର ଜଣେ ଯୁବକ ଘରୋଇ କଳହକୁ କେନ୍ଦ୍ରକରି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କୁଡ଼େଇ ଗ୍ରାମର ସତ୍ୟବ୍ରତ ମହାଲିକ(୩୫) ଓ ତାଙ୍କ ସ୍ତ୍ରୀ ମଧ୍ୟରେ ଗତକାଲି ରାତିରେ କୌଣସି କଥାକୁ ନେଇ ଝଗଡ଼ା ଲାଗିଥିଲା। ସକାଳେ ସତ୍ୟବ୍ରତ ଘରୁ ଯାଇଥିବା ବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରିନଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟାହ୍ନରେ ଘର ଠାରୁ କିଛି ଦୂରରେ ଥିବା ଏକ ଆମ୍ବଗଛରେ ବେକରେ ଗାମୁଛା ଲଗାଇ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଡାକ୍ତରଖାନାରେ ପହଞ୍ଚି ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭିଡିଓ ଓ ଫଟୋ ଭାଇରଲ୍ କରି ଯୁବକ ଗିରଫ



ଔପଦା, ୨୨।୪(ସମିସ): ଖରାପ ଭିଡିଓ ଓ ଫଟୋ ଭାଇରାଲ କରି ଯୁବକ ଗିରଫ। ଔପଦା ଥାନା ଥାନା ଅନ୍ତର୍ଗତ ବଡ଼ପୋଖରୀ ଗ୍ରାମର କୈଳାସ ସିଂ(୩୮) ସେହି ଗ୍ରାମର ଜୈନେକ ମହିଳାଙ୍କୁ ବାରମ୍ବାର ଅଶ୍ଳୀଳ ଇଙ୍ଗିତ କରିବା ଓ ଲୁଚି ଛପି ଫଟୋ ଓ ଭିଡିଓ କରି ଭାଇରାଲ କରିବା ନେଇ ଗତ ଜୁନ ୨୬ରେ ଔପଦା ଥାନାରେ ମାମଲା ରୁଜ ହୋଇଥିଲା। ସେହି ଦିନ ଠାରୁ କୈଳାସ ଲୁଚି ବୁଲୁଥିଲା। ବିଶେଷ ସୂତ୍ରରୁ ପୁଲିସ ଖବର ପାଇ କୈଳାସକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଭରସା ଜିତୁଛନ୍ତି ସୁବାସିନୀ; ଦୁର୍ବଳ ହେଉଛନ୍ତି ବିରୋଧୀ

ବାଲିଆପାଳ, ୨୨।୪(ସମିସ)

ବଢ଼ିବାରେ ଲାଗିଛି ନିର୍ବାଚନୀ ତାତି। ଜୋରସୋରରେ ଚାଲିଛି ପ୍ରଚାର। ଏହାରି ମଧ୍ୟରେ ବାଲେଶ୍ୱର ଜିଲ୍ଲାର ବସ୍ତା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ବ୍ଲକ

## ଡଗରାରେ ବିଶାଳ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

ଡଗରା ଗ୍ରାମ ପଞ୍ଚାୟତରେ ଶକ୍ତି ପ୍ରଦର୍ଶନ କରିଛି ବିଜେଡି। ପଞ୍ଚାୟତ ସଭାପତି ନିତ୍ୟାନନ୍ଦ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ବିଶାଳ କର୍ମୀ ସମ୍ମିଳନୀ। ପ୍ରଥମ ଥର ପାଇଁ ବସ୍ତା ନିର୍ବାଚନ ମଣ୍ଡଳୀରେ ଜଣେ ମହିଳା ବିଧାୟିକା ପ୍ରାର୍ଥିନୀ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଥିବା




ଦେଖିବାକୁ ମିଳିଛି। ପଞ୍ଚାୟତର ହଜାରରୁ ଉର୍ଦ୍ଧ୍ୱ ବରିଷ୍ଠ, ଯୁବ ଏବଂ ମହିଳା କର୍ମୀ ବିଶାଳ ପଦଯାତ୍ରା କରି ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଓ ବାଲେଶ୍ୱର ଜିଲ୍ଲାର ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନାଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ। ଅନୁଷ୍ଠିତ ସଭାରେ ନିଜର ଅଭିଭାଷଣରେ ଶ୍ରୀମତୀ ଜେନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରାଇବା ଲକ୍ଷ୍ୟ ରଖି ପଞ୍ଚାୟତର ସମସ୍ତ ୱାର୍ଡ଼ମାନଙ୍କରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ସଭିଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ଡଗରା ଗ୍ରାମ ପଞ୍ଚାୟତର ପାର୍ଥ ସାରଥୀ ନାଗ, ହୃଷିକେଶ ମାଝୀ, ଭୀମ ଚରଣ ଦାସ, ମୃତ୍ୟୁଞ୍ଜୟ ପଣ୍ଡା, ଗଙ୍ଗାଧର ଦାସ, ତୈଳକ ପାତ୍ର, ସୁଦର୍ଶନ ଜେନା, ମନ୍ମଥ ପାତ୍ର ପ୍ରମୁଖ ଶତାଧିକ ବିଜେପି ଓ କଂଗ୍ରେସର ସକ୍ରିୟ ସଦସ୍ୟ ସଦସ୍ୟା ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ଶ୍ରୀମତୀ ଜେନା ନୂଆକରି ଦଳରେ ମିଶିଥିବା ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସେମାନଙ୍କୁ ସ୍ୱାଗତ କରିବା ସହ ଆସନ୍ତା ଜୁନ୍ ୧ ତାରିଖରେ ବସ୍ତା ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ଭାବେ ତାଙ୍କୁ ଏବଂ ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ ଦେଇ ଉଭୟଙ୍କୁ ଜୟଯୁକ୍ତ କରାଇବା ପାଇଁ ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦ କାମନା କରିଥିଲେ। ଅନୁଷ୍ଠିତ ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଦଳର ବରିଷ୍ଠ ନେତା ଚକ୍ରଧର ଗିରି, ମନୋରଞ୍ଜନ ବେହେରା, ମନ୍ମଥ ଗିରି, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ସାମଲ, ପ୍ରତାପପୁର ସମିତି ସଦସ୍ୟାଙ୍କ ପ୍ରତିନିଧି ହାଡିବନ୍ଧୁ ରାଉତ, ଶ୍ରୀପତି ଜେନା, ବେଣୁଧର ମଣ୍ଡଳ, ଅର୍ଜୁନ ବାରିକ, ପ୍ରଦୀପ କର, ସସ୍ମିତା ନାୟକ, ମମତା ଜେନା, ଝୁନାରାଣୀ ରାଉତ, ହରିହର ଜେନା, ଅଶ୍ୱିନୀ ପାତ୍ର ଓ ଲକ୍ଷ୍ମୀକାନ୍ତ ଦେ ପ୍ରମୁଖଙ୍କ ସମେତ ଅନ୍ୟ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।



# ରକ୍ତ ଭଣ୍ଡାରରେ ଦେଖାଦେବ ରକ୍ତ ସଙ୍କଟ!

ବାଲେଶ୍ୱର, ୨୨।୪(ସମିସ)

ଆଉ କିଛି ଦିନ ମଧ୍ୟରେ ବାଲେଶ୍ୱର ରକ୍ତ ଭଣ୍ଡାରରେ ରକ୍ତ ସଙ୍କଟ ଦେଖାଦେବ। ରକ୍ତଭଣ୍ଡାର ଉପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଘରୋଇ ହସପିଟାଲ ସାଙ୍ଗକୁ ଜିଲ୍ଲାର୧୨ଟି ବ୍ଲକ ନିର୍ଭର କରିଥାଏ। ରୋଗୀମାନଙ୍କ ବିଭିନ୍ନ ରୋଗ ପାଇଁ ରକ୍ତର ଆବଶ୍ୟକତା ରହୁଥିବା ବେଳେ ଥାଲେସେମିଆ ରୋଗୀମାନଙ୍କ ପାଇଁ ରକ୍ତ ସବୁ

- ଦୈନିକ ଶହେ ୟୁନିଟ ଆବଶ୍ୟକ; ଆସୁଛି ୬୦ରୁ ୭୦ ୟୁନିଟ
- ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ କ୍ୟାମ୍ପରୁ କମୁଛି ରକ୍ତ ସଂଗ୍ରହ






ବେଳେ ଆବଶ୍ୟକ ରହିଥାଏ। ତେବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେତୁ ଆଉ କିଛି ଦିନ ମଧ୍ୟରେ ବ୍ଲଡ ବ୍ୟାଙ୍କରେ ରକ୍ତର ଅଭାବ ଦେଖା ଦେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବ୍ଲଡ ବ୍ୟାଙ୍କରେ୧୫ଶହ ରକ୍ତ ରହିବାର କ୍ଷମତା ରହିଥିବା ବେଳେ ଏବେ କିନ୍ତୁ ତାହା ସମ୍ଭବ ହୋଇପାରୁ ନାହିଁ। ଫଳରେ ଆଉ ୪ରୁ ୫ଦିନ ମଧ୍ୟରେ ଯାହା କିଛି ରକ୍ତ ଗଚ୍ଛିତ ରହିଛି ତାହା ସରିଯିବା ପରେ ଏଭଳି ସଙ୍କଟ ଦେଖାଦେବ। ଅନ୍ୟପଟେ ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା କ୍ୟାମ୍ପମାନଙ୍କରୁ କମ ସଂଖ୍ୟକ ରକ୍ତ ସଂଗୃହୀତ ହେଉଥିବା କାରଣରୁ ଏହି ସଙ୍କଟ ଏବେ ଦେଖାଦେଇଛି। ସୂଚନା ଅନୁସାରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ରହିଛି ବ୍ଲଡ ବ୍ୟାଙ୍କ। ଏହା ଉପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଘରୋଇ ହସପିଟାଲ ରକ୍ତପାଇଁ ମଧ୍ୟ ନିର୍ଭର କରିଥାଆନ୍ତି। ଏପରିସ୍ଥଳେ ରକ୍ତ ଭଣ୍ଡାରର ରକ୍ତକୁ ସଂଗୃହିତ କରି ରଖିବାର କ୍ଷମତା ୧୫ଶହ ୟୁନିଟ ରହିଛି। ହେଲେ ଏବେ ଏହି ୧୫ଶହ ୟୁନିଟ ରକ୍ତ ସଂଗୃହିତ ହୋଇପାରୁ ନାହିଁ। ଏପରିକି ବ୍ଲଡ ବ୍ୟାଙ୍କ ବିଭିନ୍ନ ସଙ୍ଗଠନ ସହ ଜୀବନବିନ୍ଦୁ ବ୍ଲଡ ବ୍ୟାଙ୍କ ମଧ୍ୟରେ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ରକ୍ତ ସଂଗୃହୀତ କରିଥାଏ। ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ କାରଣରୁ କ୍ୟାମ୍ପ ଅନୁଷ୍ଠିତ ହେଉଛି ସତ କିନ୍ତୁ ଖୁବ କମ ପରିମାଣରେ ରକ୍ତ ସଂଗୃହୀତ ହେଉଛି। ଫଳରେ ଆଗାମୀ ଏକ ସପ୍ତାହ ମଧ୍ୟରେ ବ୍ଲଡ ବ୍ୟାଙ୍କରେ ରକ୍ତ ସଙ୍କଟ ଦେଖା ଦେବାର ସମ୍ଭାବନା ରହିଛି। ବିଶେଷ କରି ଦୈନିକ ଶହେ ୟୁନିଟ ରକ୍ତର ଆବଶ୍ୟକତା ରହିଥିବା ବେଳେ ଏବେ କିନ୍ତୁ ୬୦ରୁ ୭୦ୟୁନିଟ ରକ୍ତ ସଂଗୃହିତ ହେଉଛି। ଫଳରେ ଦୈନିକ ୩୦ରୁ ୪୦ୟୁନିଟ ରକ୍ତ କମ ସଂଗ୍ରହ ହେଉଛି। ଫଳରେ ଏହାର ସଙ୍କଟ ଧୀରେଧୀରେ ବୃଦ୍ଧି ପାଉଛି। ଅନ୍ୟପଟେ ଦେଖିବାକୁ ଗଲେ ରକ୍ତ ଭଣ୍ଡାର ଉପରେ ଥାଲେସେମିଆ ରୋଗୀମାନେ ଦୈନିକ ରକ୍ତ ନିଅନ୍ତି। ପାଖାପାଖି ୫ ଶହରୁ ୬ଶହ ଏହି ଥାଲେସେମିଆ ରୋଗୀମାନେ ରକ୍ତ ଉପରେ ନିର୍ଭର କରନ୍ତି। ଏପରିକି ସେମାନେ ମାସକୁ ପ୍ରାୟ ୯ ଶହରୁ ୧ ହଜାର ୟୁନିଟ ରକ୍ତ ନେଇ ଥାଆନ୍ତି। ଏହି ରୋଗୀଙ୍କ ବ୍ୟତିତ ଦୁର୍ଘଟଣା ଜନିତ ଘଟଣା ହେଉ କିମ୍ବା ହିମୋଗ୍ଲୋବିନ କମ ଥିବା ରୋଗୀ ହୁଅନ୍ତୁ କିମ୍ବା ଅନ୍ୟାନ୍ୟ ଅତ୍ୟାବଶ୍ୟକ ରୋଗୀମାନେ ରକ୍ତ ଉପରେ ନିର୍ଭର କରିଥାଆନ୍ତି। ସେଇ ତୁଳନାରେ ଏବେ ରକ୍ତ ଖୁବ କମ ମାତ୍ରରେ ସଂଗ୍ରହ ହେଉଛି। ବିଶେଷ କରି ବାଲେଶ୍ୱରରେ ଏବେ ୪୦ରୁ ୪୨ଡ୍ରିଗ୍ରୀ ମଧ୍ୟରେ ତାପମାତ୍ରା ରହୁଥିବା ବେଳେ ଅନୁଷ୍ଠିତ ହେଉଥିବା କ୍ୟାମ୍ପମାନଙ୍କରୁ ବହୁ କମ ପରିମାଣରେ ରକ୍ତ ଆସୁଛି। ଫଳରେ ଦୈନିକ ଆବଶ୍ୟକ ହେଉଥିବା ଶହେ ୟୁନିଟ ରକ୍ତ ଏବେ କମ ପଡୁଛି। ଅନ୍ୟପଟେ ବ୍ଲଡ ବ୍ୟାଙ୍କରେ ଯାହାକି କିଛି ରକ୍ତ ଗଚ୍ଛିତ ରହିଛି ତାହା ସରିଯିବା ପରେ ଏଭଳି ରକ୍ତ ସଙ୍କଟ ନିଶ୍ଚିତ ଭାବେ ଦେଖାଦେବ। ଏଣୁ ଏହି ସଙ୍କଟକୁ ଦୂର କରିବା ପାଇଁ ଅଧିକରୁ ଅଧିକ କ୍ୟାମ୍ପର ଆବଶ୍ୟକତା ରହିଛି। ଏନେଇ ବ୍ଲଡ ବ୍ୟାଙ୍କ ଅଧିକାରୀ ଡ. ବସନ୍ତ କୁମାର ଉପାଧ୍ୟାୟଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଚଳିତ ବର୍ଷ ଜାନୁଆରୀ ଠାରୁ ଆଜି ପର୍ଯ୍ୟନ୍ତ ପାଖାପାଖି ଶହେରୁ ଶହେ ଦଶଟି କ୍ୟାମ୍ପ ଅନୁଷ୍ଠିତ ହୋଇଛି। ତେବେ ରକ୍ତ ଭଣ୍ଡାର ଉପରେ ଥାଲେସେମିଆ ରୋଗୀଙ୍କ ଠାରୁ ଆରମ୍ଭ କରି ବହୁ ରୋଗୀ ନିର୍ଭର କରୁଥିବା ବେଳେ ଗ୍ରୀଷ୍ମ ପ୍ରବାହ ପାଇଁ ରକ୍ତ ସଂଗ୍ରହ କମିଛି। ବିଭିନ୍ନ ସ୍ଥାନରେ କ୍ୟାମ୍ପମାନ ଅନୁଷ୍ଠିତ ହେଉଥିବା ବେଳେ ରକ୍ତ ସଂଗ୍ରହର ହାର କମୁଛି। ପାଖାପାଖି ଗୋଟିଏ କ୍ୟାମ୍ପରେ ୮୦ରୁ ଶହେ ୟୁନୁଟି ରକ୍ତ ସଂଗ୍ରହ ହେଉଥିବା ବେଳେ ଏବେ ତାହା କମିଯାଇଛି। ଖରାର ପ୍ରକୋପ ଏବେ ଅଧିକ ଥିବାରୁ କ୍ୟାମ୍ପ ମଧ୍ୟ ଶୀଘ୍ର ସାରିବାକୁ ପଡୁଛି। ତେବେ ଆଗାମୀ ଦିନରେ ହେବାକୁ ଥିବା ରକ୍ତ ସଙ୍କଟକୁ ଦୂର କରିବା ପାଇଁ ବିଭିନ୍ନ ସଙ୍ଗଠନମାନେ କ୍ୟାମ୍ପମାନ କରି ରକ୍ତର ଅଭାବକୁ ଦୂର କରିବାକୁ ନିବେଦନ କରିଛନ୍ତି।

## ଜୁଆ ଆଡ୍ଡାରେ ଚଢ଼ଉ; ୨ ଗିରଫ

**ଔପଦା, ୨୨।୪(ସମିସ):** ଜୁଆ ଆଡ୍ଡାରେ ଚଢ଼ଉ ବେଳେ ଔପଦା ପୁଲିସ ୨ ଜଣଙ୍କୁ ଗିରଫ କରିଛି। ବାଲେଶ୍ୱର ଜିଲ୍ଲା ଔପଦା ଥାନା ଅନ୍ତର୍ଗତ ବଡ଼ପୋଖରୀ ଉଡ଼ାଯାତ୍ରାରେ ବେଧଡ଼କ ଭାବେ ଜୁଆଖେଳ ଉପରେ ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଗତକାଲି ବିଳମ୍ବିତ ରାତ୍ରିରେ ଔପଦା ଥାନା ଆଇଆଇସି ଶ୍ରବଣ କୁମାର ମହାରଣା ସଦଳ ବଳେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ, ଏକ ଅଟୋ ସହ ୫ ହଜାର ୬ ଶହ ୮୦ ଟଙ୍କା ଜବତ କରି ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଔପଦା ଥାନାରେ ଏକ ମାମଲା କ୍ରମେ ଖଇରା ଥାନା ଅଞ୍ଚଳ କୁପାରି ଗାଁରୁ ଜୁଆ ଖେଳ ବ୍ୟବସାୟୀ ବିଜୟ କୁମାର ଜେନା(୫୦), ମାୟା ଧର ବେହେରା (୪୫)ଙ୍କୁ ନୀଳଗିରି ଏସଡିଜେଏମ କୋର୍ଟକୁ ଚାଲାଣ କରାଯାଇଛି।

## ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ କାଳବୈଶାଖୀ ଦେଲା ଆଶ୍ୱସ୍ତି

**ବାଲେଶ୍ୱର, ୨୨।୪(ସମିସ):** ଗତ କିଛି ଦିନ ଧରି ବାଲେଶ୍ୱରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଉଥିଲା। ପାଖାପାଖି ୪୦ରୁ ୪୨ଡ୍ରିଗ୍ରୀ ପର୍ଯ୍ୟନ୍ତ ଉତ୍ତାପ ଲାଗି ରହୁଥିଲା। ଫଳରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଥିଲେ। ଏପରିକି ଲୋକେ ଦିନ ୧୧ଟା ଠାରୁ ଘରୁ ବାହାରୁ ନଥିବା ମଧ ଦେଖିବାକୁ ମିଳିଥିଲା। ଏପରିକି ବାଲେଶ୍ୱର ସହର ଫାଙ୍କା ମଧ ଲାଗୁଥିଲା। ତେବେ ଆଜି ସନ୍ଧ୍ୟାରେ ହଠାତ କାଳବୈଶାଖୀ ହେବା ଦ୍ୱାରା ଏହି ଗରମରୁ ସାମନ୍ୟ ଆଶ୍ୱସ୍ତି ମିଳିଛି। ଏହି କାଳବୈଶାଖୀ ଫଳରେ ବର୍ଷା ହୋଇଥିବା ବେଳେ ଥଣ୍ଡା ପବନ ମଧ ବୋହିଛି। ଏଣୁ ଲୋକେ ଏହି ପ୍ରବଳ ଗରମରୁ ଟିକେ ଆଶ୍ୱସ୍ତି ପାଇଛନ୍ତି।

## ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ ଲେଖାଶ୍ରୀଙ୍କୁ ସମ୍ବର୍ଦ୍ଧନା



**ବାଲେଶ୍ୱର, ୨୨।୪(ସମିସ):** ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ତରଫରୁ ସ୍ଥାନୀୟ କାର୍ଯ୍ୟାଳୟଠାରେ ବିଜୁ ଜନତା ଦଳର ବାଲେଶ୍ୱର ସାଂସଦ ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସାମ୍ମୁଖ୍ୟ ସଭାପତି ଆଇନଜୀବୀ ଜ୍ୟୋତିପ୍ରକାଶ ବାରିକଙ୍କ ନେତୃତ୍ୱରେ ଏକ ଦଳ ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଜିଲ୍ଲାର ବିଭିନ୍ନ ବ୍ଲକର ସଭାପତି ପୂର୍ଣ୍ଣ କଟୁଆଳ, ମଞ୍ଜୁ ରଣା, ଶ୍ୟାମସୁନ୍ଦର ଦାସ, ଅମିତା ବେହେରା, ବିଷ୍ଣୁପ୍ରିୟା ମହାପାତ୍ର, ହରପ୍ରିୟା ମହାପାତ୍ର, ସବୀର ଖାନ୍, ଭାଗବତୀ ବାରିକ, ଶାନ୍ତନୁ ମହାନ୍ତି, ସୁଜାତା ସିଂ, କିଶୋର ବେହେରା, କମଳାକାନ୍ତ ବେହେରା, ଅନ୍ନପୂର୍ଣ୍ଣା ସେଠୀ ଓ ପ୍ରଦୀପ ଭୂୟାଁ ଉପସ୍ଥିତ

## ସଡ଼କ ସୁରକ୍ଷା ଓ ଦୁର୍ଘଟଣା ହ୍ରାସ ପାଇଁ ଜିଲ୍ଲାସ୍ତରୀୟ ବୈଠକ



**ବାଲେଶ୍ୱର, ୨୨।୪(ସମିସ):** ବାଲେଶ୍ୱର ଜିଲ୍ଲା ପ୍ରଶାସନ ଅନ୍ତର୍ଗତ ଜିଲ୍ଲା ସଡ଼କ ସୁରକ୍ଷା କମିଟି ଆନୁକୂଲ୍ୟରେ ସଡ଼କ ସୁରକ୍ଷା ବ୍ୟବସ୍ଥା ଓ ଦୁର୍ଘଟଣା ହ୍ରାସ ପାଇଁ ଏକ ବୈଠକ ଆଜି ନୂତନ କଲେକ୍ଟୋରେଟର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ରଶ୍ମି ରଞ୍ଜିତ ଦଳବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୁଲାଳସେନ ଜଗଦେବ, ସିଟି ଡିଏସପି ଗାୟତ୍ରୀ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ତଥା ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ପୁଲିସ ବିଭାଗ, ଜାତୀୟ ରାଜଥ ବିଭାଗ, ପୂର୍ତ୍ତ ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ, ବିଭିନ୍ନ ପୌର ପାଳିକାର ଅଧିକାରୀ, ଜିଲ୍ଲା ଅବକାରୀ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟ ସମ୍ପୃକ୍ତ ବିଭାଗ ଯୋଗଦେଇ ବୈଠକର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଜାତୀୟ ରାଜପଥ ବିଭାଗ, ବିଶେଷ କରି ଜାତୀୟ ରାଜପଥ ୧୬ କର୍ତ୍ତୃପକ୍ଷ ରାସ୍ତାରେ ଥିବା ଖାଲଖମା ପୂରଣ ସହ ଅନ୍ୟ ସମସ୍ୟା ତୁରନ୍ତ ସୁଧାରି ନେବାକୁ ଜିଲ୍ଲାପାଳ ତାଗିଦ କରିଥିଲେ। ବିଶେଷ କରି ଚିହ୍ନିତ ଦୁର୍ଘଟଣା ପ୍ରବଣ ସ୍ଥାନମାନଙ୍କରେ ଦାୟିତ୍ୱହୀନକାରୀ ସମ୍ପୃକ୍ତ ବିଭାଗମାନେ ଅଧିକ ଯତ୍ନବାନ ହେବାକୁ ଜିଲ୍ଲାପାଳ ଶ୍ରୀ ଠାକରେ ନିର୍ଦ୍ଦେଶ ଦେଇଥିଲେ। ଆରକ୍ଷୀ ଅଧୀକ୍ଷକ ଶ୍ରୀମତୀ ନାଥ ଟ୍ରାଫିକ ନିୟମ କଡ଼ାକଡି ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜପଥ ଉପରୁ ଅଯଥା ହମ୍ପସ ଅସାରଣ, ନିୟମ ଅନୁଯାୟୀ ହମ୍ପସର ରଙ୍ଗ କରିବା, ଟୋଲ ଗେଟ ନିକଟରେ ଆମ୍ବୁଲାନ୍ସ ଏବଂ କ୍ରେନ ମହଜୁଦ ରଖିବା ଆଦି ବିଷୟ ଉପରେ ଆରକ୍ଷୀ ଅଧୀକ୍ଷକ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ପ୍ରକାରର ସତର୍କତା ମୂଳକ ପଦକ୍ଷେ ଗ୍ରହଣ କରି ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକୀୟ ସାଧନ ମହଜୁଦ ରଖିବା ପାଇଁ ସମସ୍ତେ ସହଯୋଗ କରିବାକୁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଆଶା ବ୍ୟକ୍ତ କରିଥିଲେ।

## ଶ୍ରୀରାଧାକୃଷ୍ଣ ଜୀଉ ଭାଗବତ ଟୁଙ୍ଗି ହରି ସଭାର ବାର୍ଷିକ ଉତ୍ସବ

**ବାଲେଶ୍ୱର, ୨୨।୪(ସମିସ):** ମାଣିଖମ୍ବ ହରିସଭା କମିଟି ପକ୍ଷରୁ ଶ୍ରୀରାଧାକୃଷ୍ଣଜୀଉ ଭାଗବତ ଟୁଙ୍ଗିର ୧୧୫ ତମ ବାର୍ଷିକ ଉତ୍ସବ ଶନିବାର ଦିନଠୁ ଆୟୋଜିତ ହେଉଅଛି। ୧୧ ଦିନ ଧରି ଚାଲୁଥିବା ଏହି ମହୋତ୍ସବର ଉଦଘାଟନ ଦିବସରେ ବାଲିଘାଟରୁ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଉତ୍ସବର

**ବଢ଼ାଗଲା ୧୦୮ ମହନ୍ତଙ୍କ ନାମରେ ୧୦୮ ମାଲସା**



ଦ୍ୱିତୀୟ ଦିନରେ ମଙ୍ଗଳ ଆଳତି ପରେ ଭୋର ସମୟରୁ ଭାଗବତ ପାଠ ଆରମ୍ଭ ହୋଇଥିଲା। ଭାଗବତ ପଢ଼ା ସାତ ଦିନ ପର୍ଯ୍ୟନ୍ତ ଚାଲିବା ସହ ୨୪ ପ୍ରହର ୪ ଦିନ ଧରି ପଢ଼ା ଚାଲିଥିଲା। ତେବେ ଆଜି ୧୦ ଦିନରେ ପହଞ୍ଚିଥିବା ଏହି ମହୋତ୍ସବରେ ସୋମବାର ଦିନ ବଡ଼ ମାଲସା ଆୟୋଜିତ ହୋଇଥିଲା। ଏଥିରେ ୧୦୮ ପ୍ରକାରର ଫଳ ଓ ମିଷ୍ଟାନ୍ନ ଭୋଗ ଲାଗି ହୋଇଥିଲା। ପୂର୍ବ ପୁରୁଷର ଧର୍ମ ପ୍ରଚାରକ ବା ମଠରେ ମହନ୍ତଙ୍କ ଉଦ୍ଦେଶ୍ୟରେ ୧୦୮ ବଡ଼ ମାଲସା ଚଢ଼ାଯାଏ। ପ୍ରତିବର୍ଷ ୧୦୮ ଜଣ ମହନ୍ତଙ୍କ ନାମ ତମ୍ବାପାତ୍ରରେ ଲେଖା ହୋଇରହିଛି। ସେମାନଙ୍କୁ ସେଇ ତମ୍ବା ପାତ୍ରରେ ଗୁଆ, ଫୁଲ ଓ ଚନ୍ଦନ ଅର୍ପଣ କରି ୧୦୮ ମାଲସା ବଢ଼ାଯାଏ। ସେମିତି ଆସନ୍ତାକାଲି ୫୬ ମହନ୍ତଙ୍କ ନାଁରେ ମାଲସା ବଢ଼ାଯିବ। ସେହିପରି ଶନିବାର ଦିନ ୯ ଏବଂ ରବିବାର ୨୭ ମହନ୍ତଙ୍କୁ ଡକାଯାଇଥିଲା। କେଉଁ ଦିନ କେଉଁ ମହନ୍ତଙ୍କ ନାମରେ ଭୋଗ ଚଢ଼ାଯିବ ସେହି ନାମ ଅନୁସାରେ ପୂଜକଙ୍କ ନିକଟରେ ନାମର ତାଲିକା ରହିଛି। ଏହାକୁ ଟୁଙ୍ଗିର ପୂଜକ ଅଭିନାଶ ମିଶ୍ର ପୂଜା କରିଥିଲେ। ଆସନ୍ତା କାଲି ଛୋଟ ମାଲସା ଭୋଗ ଲାଗିରେ ବିଭିନ୍ନ ପ୍ରକାର ଫଳ ଓ ମିଷ୍ଟାନ୍ନ ଭୋଗ ଲାଗି ହେବ। ଏହି ମହୋତ୍ସବରେ ମାଣିଖମ୍ବ ସହିତ ସୁଏଲପୁର, ବାରବାଟି, ଦାମୋଦରପୁର, ଗୋପାଳ ଗାଁ ଆଦି ଅଞ୍ଚଳର ଲୋକ ସାମିଲ ହୁଅନ୍ତି। ପ୍ରତିଦିନ ଶ୍ରଦ୍ଧାଳୁମାନେ ଏବଂ ଶେଷ ଦିନ ପାଖାପାଖି ୧୦ ହଜାର ଭକ୍ତ ପ୍ରସାଦସେବନ କରିବାକୁ ଆସନ୍ତି। କମିଟି ସମ୍ପାଦକ ହରିହର ମହାରଣା, ସଭାପତି ରାମନାରାୟଣ ଦେ ଏବଂ ସଦସ୍ୟ ଅଶୋକ ରଣା, ସୁରଜକାନ୍ତ ରଣା, କରୁଣାକର ସେନାପତି, ସଞ୍ଜୟ ବାରିକ, ସଞ୍ଜୟ ଭୂଷଣ କର, ଲୋକନାଥ ଦେ, ବାବୁ କର, ଦୀପ୍ତି ପ୍ରକାଶ, ବାବାୟଚନ୍ଦ୍ର ଦେ, ଦିବାକର ବାରିକ, ପ୍ରଦୀପ ପାଲ, ତାପସ କୁମାର୍ ବର୍ଦ୍ଧନ, ପ୍ରଦୀପ ପାଲ, ଅଶୋକ ମହାରଣା, ରବୀନ୍ଦ୍ର ମାଝୀ, ହରେକୃଷ୍ଣ ବାରିକ, ନିଶିକାନ୍ତ ବାରିକ, ଭଞ୍ଜ କିଶୋର ରଣା, ମନୋଜ ରଣା, ପଙ୍କଜ ଦାସ, ସୁଦର୍ଶନ ମାଝୀ ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ମଙ୍ଗଳବାର ଏହି ମହୋତ୍ସବ ଉଦଯାପିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ରାସ୍ତା କାମ ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ



**ବଳରାମପୁର, ୨୨।୪(ସମିସ):** ବାଲିଆପାଳ ବ୍ଲକ ଖଗଡ଼ାପାଳ ଗ୍ରାମ ବ୍ଲକ ଛକ ଏକ ସୋରୁମ୍ ଠାରୁ ଖଗେନ୍ଦ୍ର ଜେନା, ତପନ ମହାନ୍ତିଙ୍କ ଘର ଠାରୁ ସୂର୍ଯ୍ୟକମିଳା ଘର ପର୍ଯ୍ୟନ୍ତ ରାସ୍ତା କାମ ଶେଷ ହୋଇଛି। ୫ ଜଣ ଗ୍ରାମବାସୀଙ୍କ ତଦାରଖ ଯୋଗୁଁ କାମ ଉନ୍ନତ ମାନର ହୋଇଥିଲା। ମୁଖ୍ୟ ମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁଦାନ ଏଥି ପାଇଁ ଅର୍ଥ ବ୍ୟୟ ବରାଦ ହୋଇଥିଲା। ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାମ ସୂଚାରୁ ରୂପେ ସମ୍ପାଦିତ ହୋଇଥିଲା। ମେଟାଲ, ଚିପ୍ସ, ସିମେଣ୍ଟ, ବାଲି ଆଦି ଉନ୍ନତମାନର କଞ୍ଚାମାଲ ଏଥିପାଇଁ ବ୍ୟବହୃତ ହୋଇଥିଲା। ମାତ୍ର ଗ୍ରାମର କେତେକ ଖଳ ପ୍ରକୃତିର ଲୋକ ରାସ୍ତା କାମ ନିମ୍ନ ମାନର କହି ଏବେ ବିଡିଓଙ୍କୁ ଲେଖି ଜଣାଇଛନ୍ତି। ସେମାନେ ଏନେଇ ଚାନ୍ଦା ମାଗି ବିଫଳ ହେବାରୁ ଏପରି ପନ୍ଥା ଅବଲମ୍ବନ କରିଥିବା ଗ୍ରାମର ଯୁଗଳ କୁମାର ମାହାନ୍ତି, ପ୍ରଦୀପ କୁମାର ମହାନ୍ତି, ରଞ୍ଜନ କୁମାର ରାଜ, ମନୋଜ କୁମାର ସାମଲ, ନିମାଇଁ ଚରଣ ସାହୁ, ଶମ୍ଭୁନାଥ ରାଉତ, ବିନୟ କୁମାର ବେହେରା ପ୍ରମୁଖ ଲିଖିତ ଆକାରରେ ଜଣାଇଛନ୍ତି। କାର୍ଯ୍ୟାଦେଶ ନେଇଥିବା ହିତାଧିକାରୀଙ୍କୁ ବିଲ୍ ବାବଦ ଅର୍ଥ ମଞ୍ଜୁର କରିବାକୁ ସେମାନେ ମଧ ଲେଖିଛନ୍ତି। ଗ୍ରାମର ଯେ କୌଣସି କାମକୁ ବିରୋଧ କରିବା ଏହି ମୁଷ୍ଟିମେୟଙ୍କ କାମ ବୋଲି ଗ୍ରାମବାସୀ କହିଛନ୍ତି।

## ଡ. ରତ୍ନାକର ସିଂହଙ୍କ ଦୁଇଟି ପୁସ୍ତକ ଉନ୍ମୋଚିତ



**ବାଲେଶ୍ୱର, ୨୨।୪(ସମିସ):** ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତକାନନରେ କବି ତଥା ବଲାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡ. ରତ୍ନାକର ସିଂହଙ୍କ କବିତାଗ୍ରନ୍ଥ 'ଚେନାଏ ଫରଚା ଆକାଶ' ଓ ପ୍ରବନ୍ଧ ସଂକଳନ 'ପ୍ରବନ୍ଧ ଇଳାବୃତ'ର ଲୋକାର୍ପଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାବେଶରେ ଉଚ୍ଚଶିକ୍ଷା ବିଭାଗର ଉପ ଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ଉଦ୍‌ଘାଟକ ଭାବେ ଯୋଗଦାନ କରି ପୁସ୍ତକ ଦୁଇଟିକୁ ଉନ୍ମୋଚନ କରିଥିଲେ। ବରେଣ୍ୟ ଅତିଥି ଭାବରେ ଅଟଳବିହାରୀ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ରାଜେନ୍ଦ୍ର କୁମାର ବେହେରା, ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା, ବରିଷ୍ଠ ଗବେଷକ ଡ. ଭାଗବତ ପ୍ରସାଦ ଦାସ, ସଂସ୍କୃତ ବିଶାରଦ ପଣ୍ଡିତ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଦୁଇଟି ପୁସ୍ତକର ଆଙ୍ଗିକ ତଥା ଆଧ୍ୟାତ୍ମିକ ଦିଗ ଉପରେ ଆଲୋକପାତ କରିଥିଲେ। ଡ. ରତ୍ନାକର ସିଂହ ଲେଖକୀୟ ଅଭିବ୍ୟକ୍ତି ରଖୁଥିବା ବେଳେ 'ଅକ୍ଷାଂଶ ପ୍ରକାଶନୀ'ର କର୍ମକର୍ତ୍ତା ଡ. ସାରଙ୍ଗଧର ତ୍ରିପାଠୀ ପ୍ରକାଶକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ଦୀପକ ଦୋଷ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚ ଆବାହନ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ପେଟ ପାଇଁ ଆପଣେଇଛନ୍ତି ଓଡ଼ିଶାର ହାଟ



ବାଲେଶ୍ୱର, ୨୨।୪(ସମିସ)

**ବାଲେଶ୍ୱରରେ ରାଜସ୍ଥାନୀ ସାମଗ୍ରୀର ଡେରା**

ପରିବାର ପ୍ରତିପୋଷଣ ତଥା ପେଟ ପୋଷିବା ପାଇଁ ଅନେକ ବିଭିନ୍ନ ପ୍ରକାର ବୃତ୍ତିକୁ ଆପଣେଇ ନିଅନ୍ତି। କିଏ ଓଡ଼ିଶାରୁ ଯାଇ ବାହାରେ ବ୍ୟବସାୟ ଆରମ୍ଭ କଲାଣି ତ ଆଉ କିଏ ଆସି ଓଡ଼ିଶାରେ ବ୍ୟବସାୟ କରୁଛନ୍ତି। ଏହି ଭଳି ଏକ ଅଭିନବ ବ୍ୟବସାୟ ଦେଖିବାକୁ ମିଳୁଛି ବାଲେଶ୍ୱରରେ। ସୁଦୂର ରାଜସ୍ଥାନରୁ ଅନେକ ପରିବାର ଆସି ଲୁହାର ବିଭିନ୍ନ ପ୍ରକାର ରୋଷେଇ ସାମଗ୍ରୀ ବିକ୍ରି କରୁଛନ୍ତି। ଯାହାକୁ କିଣିବା ପାଇଁ ଗହଳି ଜମୁଛି ବାଲେଶ୍ୱରର ରାସ୍ତା କଡ଼ରେ। ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ବେଶ ଆଗ୍ରହରେ ଘରକରଣା ଜିନିଷ କିଣିବା ପାଇଁ ଗାଡ଼ି ସାଇକଲ ଅଟକାଇ ଦେଉଛନ୍ତି। ରାଜସ୍ଥାନୀ ବ୍ୟବସାୟୀଙ୍କ ସୂଚନା ଅନୁସାରେ ସେମାନେ ଦଶ ବର୍ଷରୁ ଅଧିକ ସମୟ ଧରି ଏହି ବ୍ୟବସାୟ କରିଆସୁଛନ୍ତି। ପ୍ରତ୍ୟେକ ବର୍ଷ ଭିନ୍ନ ଭିନ୍ନ ରାଜ୍ୟକୁ ଯାଇ ଏହି ଲୁହା ସାମଗ୍ରୀ ବିକ୍ରି କରି ପରିବାର ଚଳାଉଛନ୍ତି ବୋଲି କହିଛନ୍ତି। ଚଳିତ ବର୍ଷ ତାଙ୍କର ଏହି ବ୍ୟବସାୟ ପାଇଁ ଓଡ଼ିଶାର ବାଲେଶ୍ୱର ଜିଲ୍ଲାକୁ ପସନ୍ଦ କରିଛନ୍ତି ବୋଲି କହିଛନ୍ତି ରାଜସ୍ଥାନୀ ବ୍ୟବସାୟୀ। ଚଳିତ ବର୍ଷ ହାର ହାରି ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ଲୁହା ଜିନିଷ ରାଜସ୍ଥାନରୁ ଟ୍ରକ ସାହାଯ୍ୟରେ ଓଡ଼ିଶାକୁ ଆଣି ବିକ୍ରି କରୁଛନ୍ତି। ଏଥିରୁ ଦୈନିକ ଗୋଟିଏ ସ୍ଥାନରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଦିନ ତମାମ ଖରାରେ ବିକ୍ରି କରି ସନ୍ଧ୍ୟା ହେଲେ ଜିନିଷ ବାନ୍ଧି ନିଜ ସାଥିମାନଙ୍କ ସହ ବାଇପାସ ନିକଟରେ ତମ୍ବୁ ଟାଣି ରାତି କଟାଉଛନ୍ତି ରାଜସ୍ଥାନି ବ୍ୟବସାୟୀ। ଚଳିତ ବର୍ଷ ପଚାଶ ଜଣ ବ୍ୟବସାୟୀ ଓଡ଼ିଶାକୁ ଆସିଥିବାବେଳେ ସେଥିରୁ ପନ୍ଦରରୁ କୋଡ଼ିଏ ଜଣ ବାଲେଶ୍ୱର ସାରା ଖେଳେଇ ହୋଇଛନ୍ତି। ପନ୍ଥୁଆଁ ପାଦ ଛକ, ଏଫଏମ କଲେଜ ସମ୍ମୁଖ, ମିଶନ ଶକ୍ତି ବଜାର ସମ୍ମୁଖ, ଫାଣ୍ଡି ଛକ, କଚେରୀ ରୋଡ଼, ଆଇଟିଆଇ ଛକ ଭଳି ସ୍ଥାନରେ ନିଜର ଲୁହା ସାମଗ୍ରୀର ପସରା ଖୋଲିଛନ୍ତି। ଏହାଛଡ଼ା ଦିଘା ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ରାଜସ୍ଥାନରୁ ଆସିଥିବା ଗୋଟିଏ ଗୋଟିଏ ପରିବାରର ଲୋକ ବସି ରାସ୍ତା ପାର୍ଶ୍ୱରେ ବିକ୍ରି କରୁଛନ୍ତି ଲୁହା ଉପକରଣ। ଏପଟେ ଏହି ବ୍ୟବସାୟରେ ପିଲାଠୁ ଆରମ୍ଭ କରି ବଡ଼ ପର୍ଯ୍ୟନ୍ତ ସମସ୍ତ ସଦସ୍ୟ ଏହି କାର୍ଯ୍ୟରେ ଲିପ୍ତ ରହି ବିଭିନ୍ନ ପ୍ରକାର ରୁଟି ତାୱା, ପିଠା ତାୱା, ଛୋଟ କଡ଼େଇରୁ ଆରମ୍ଭ କରି ଭିନ୍ନ ପ୍ରକାରର ଛୋଟ ବଡ଼ କଡ଼େଇ, ଛୁରୀ ଓ କୁରାଢ଼ୀ ବିକ୍ରି କରୁଛନ୍ତି। ଯାହାର ଦାମ ମଧ୍ୟ ଛୋଟ ବଡ଼ ହିସାବରେ ରଖିଛନ୍ତି। କଡ଼େଇର ଦାମ୨୦୦ ଟଙ୍କାରୁ ଆରମ୍ଭ ହୋଇ ୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ତାୱାର ଦାମ ମଧ୍ୟ ୩୫୦ ଟଙ୍କାରୁ ଆରମ୍ଭ ହୋଇ ୧୪ଶହ ଟଙ୍କା ପର୍ଯ୍ୟନ୍ତ ଅଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିକ୍ରି ହେଉଥିବା ସମସ୍ତ ଲୁହା ଉପକରଣଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ନନଷ୍ଟିକ ଭଳି ଦେଖାଯାଉଛି। ରାଜସ୍ଥାନରୁ ସାମଗ୍ରୀ ଆଣି ବାଲେଶ୍ୱର ବିକ୍ରିକରିବା କଥା ରାଜସ୍ଥାନୀ ବ୍ୟବସାୟୀ ଜଣେ କହିଛନ୍ତି କି ପ୍ରତ୍ୟେକ ବର୍ଷ ଏକ ଟ୍ରକ୍ ଯୋଗେ ଜିନିଷ ଧରି ଗୋଟେ ସ୍ଥାନକୁ ଯାଆନ୍ତି ଏବଂ ସେଠାରେ ୨ରୁ ୩ ମାସ ବିକ୍ରି ପରେ ପୁଣି ଘରକୁ ଫେରିଯାନ୍ତି। ବ୍ୟବସାୟୀଙ୍କ କହିବ କଥା ହେଉଛି ପରିବାର ଚଳାଇବା ପାଇଁ ସେମାନଙ୍କୁ ବୁଲିବୁଲି ଲୁହା ସାମଗ୍ରୀ ବିକ୍ରି କରିବାକୁ ପଡୁଛି।

# ଖଇରାରେ ପ୍ରଚାର ଆରମ୍ଭ କଲେ ସୁବାସିନୀ



ଖଇରା/ସିମୁଳିଆ, ୨୨।୪(ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ସୁବାସିନୀ ସାହୁ ସୋମବାର ଠାରୁ ଖଇରା ବ୍ଲକରେ ନିଜର ପ୍ରଚାର ଆରମ୍ଭ କରିଛନ୍ତି। ପ୍ରଥମେ ନିଜ ସ୍ୱାମୀ ଶଶି ସାହୁଙ୍କ ସହ ଖଇରା ବ୍ଲକର ଟିପସିଗଡ଼ିଆସ୍ଥିତ ବକ୍ରେଶ୍ୱର ପୀଠକୁ ଯାଇ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ କୁପାରୀ ଜୋନ୍ ଜିଲ୍ଲା ପରିଷଦ ଗଜେନ୍ଦ୍ର ପ୍ରସାଦ ଦାସ, ସରପଞ୍ଚ ଜ୍ୟୋସ୍ନାରାଣୀ ଦାସ, ଗୋବର୍ଦ୍ଧନ ପାଇକରାୟ, ପ୍ରଫୁଲ୍ଲ ମହାନ୍ତି ପ୍ରମୁଖଙ୍କ ସହ କୁପାରୀର କୁପେଶ୍ୱର, ମା' ମଙ୍ଗଳା ଓ ଶୁନ୍ୟମଣ୍ଡପ ଯାଇ ଶୁନ୍ୟବ୍ରହ୍ମ ଓ ଅମ୍ବିକା ମନ୍ଦିରରେ ମା' ଅମ୍ବିକାଙ୍କୁ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ପରେ ସମର୍ଥକଙ୍କ ସହ ଖଇରା ଦୁର୍ଗାମଣ୍ଡପରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରବୀନ୍ଦ୍ର କୁମାର ବିଶ୍ୱାଳ, ଦିପକ ପ୍ରଧାନ, ପଦ୍ମଲୋଚନ ଧର, ପ୍ରଦୀପ ଧର, ଅକ୍ଷୟ ଧିନ୍ଦା, ନୃସିଂହ ବେହେରା, ଗୌତମ ମହାପାତ୍ର, ବିରେନ୍ଦ୍ର ସ୍ୱାଇଁ, ଦାଶରଥି ମହାନ୍ତି ଓ ବିରଞ୍ଚି ମହାପାତ୍ରଙ୍କ ସମେତ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ।

# ମିଶନ ଶକ୍ତି ଦେଇଛି ସ୍ୱତନ୍ତ୍ର ପରିଚୟ

ବାଲେଶ୍ୱର, ୨୨।୪(ସମିସ)



ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନା ଲକ୍ଷଲକ୍ଷ ମହିଳାମାନଙ୍କୁ ସଶକ୍ତ କରିଛି। ମହିଳାମାନେ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଗନ୍ନାଥପୁର ଗ୍ରାମର ମହିଳା ଉଦ୍ୟୋଗୀ ମଧୁସ୍ମିତାଙ୍କ ସଫଳତାର କାହାଣୀ ଅନ୍ୟ ମହିଳାମାନଙ୍କୁ ନିଶ୍ଚିତ ପ୍ରେରଣା ଯୋଗାଇବ। କୁକୁଡ଼ା ଚାଷ କରି ନିଜେ ରୋଜଗାରକ୍ଷମ ହେବା ସହ ସେହି ଗାଁର ଅନ୍ୟ ମହିଳାମାନଙ୍କୁ ରୋଜଗାର ଦେଇପାରୁଛନ୍ତି। ଏହି ଗାଁର ମଧୁସ୍ମିତା ଖଟୁଆ ହେଉଛନ୍ତି ଜଣେ ଅସହାୟ ବିଧବା ମହିଳା। ୬ବର୍ଷ ତଳୁ ତାଙ୍କ ସ୍ୱାମୀଙ୍କ ହଠାତ ମୃତ୍ୟୁ ହୋଇଥିଲା। ତାଙ୍କ ସ୍ୱାମୀ ଏକ ଛୋଟ କୁକୁଡ଼ା ଫାର୍ମ କରି ପରିବାର ପ୍ରତିପୋଷଣ କରୁଥିଲେ। ତେବେ ସ୍ୱାମୀଙ୍କ ମୃତ୍ୟୁ ପରେ ମଧୁସ୍ମିତା ଭାଙ୍ଗିପଡ଼ି ନ ଥିଲେ। ୬ ବର୍ଷ ପୂର୍ବରୁ ସେ ଜଗତମାତା ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ସେହି ଫାର୍ମକୁ ଚଳାଇବା ପାଇଁ ଉଦ୍ୟମ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ସେ ଗୋଷ୍ଠୀରୁ କିଛି ଟଙ୍କା ଋଣ ନେଇ ଫାର୍ମରେ କୁକୁଡ଼ା ଚାଷ ଜାରୀ ରଖିଲେ। ଏକୁଟିଆ ୪ ବର୍ଷ ଧରି ସେହି କୁକୁଡ଼ା ଫାର୍ମ ବ୍ୟବସାୟକୁ ବୃଦ୍ଧିକରି ଜଣେ ସଫଳ ଉଦ୍ୟୋଗୀ ଭାବେ ଆଜି ନିଜକୁ ପରିଚିତ କରାଇପାରିଛନ୍ତି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ସରକାରଙ୍କ ମିଶନଶକ୍ତି ପକ୍ଷରୁ ଆସିଥିବା ଡିପ ଲିଟର ପଦ୍ଧତିରେ କୁକୁଡ଼ା ପାଳନ ସ୍କିମକୁ କରିବା ପାଇଁ ମନସ୍ଥ କରନ୍ତି ମଧୁସ୍ମିତା। ଆଉ ନିଜ ଗୋଷ୍ଠୀର ମହିଳାଙ୍କ ସହମତି ନେଇ ଆରମ୍ଭ କରନ୍ତି ଆଉ ଏକ ସ୍ୱତନ୍ତ୍ର କୁକୁଡ଼ା ଫାର୍ମ। ଯେଉଁଥିରେ ତାଙ୍କ ଗୋଷ୍ଠୀ କୁକୁଡ଼ା ଫାର୍ମ କରି ଦୁଇଟି ପର୍ଯ୍ୟାୟରେ ଆଜି ଭଲ ଲାଭ ମିଳିଛି। ପୁଣି ସେହି ପୁରୁଣା ଫାର୍ମରେ ୧ ହଜାର କୁକୁଡ଼ା ଛାଡି ତାର ଦାୟିତ୍ୱ ନେଉଛନ୍ତି। ବର୍ତ୍ତମାନ ଏହି କୁକୁଡ଼ା ଫାର୍ମ ବ୍ୟବସାୟ ଦ୍ୱାରା ନିଜେ ରୋଜଗାରକ୍ଷମ ହେବା ସହ ନିଜ ଗୋଷ୍ଠୀର ମହିଳାଙ୍କୁ ଦେଉଛନ୍ତି ରୋଜଗାର। ଘରର ସମସ୍ତ କାର୍ଯ୍ୟ କରିବା ସହ ଆର୍ଥିକ ସମସ୍ୟା ଦୂର କରିବାରେ ପ୍ରମୁଖ ଭୂମିକା ଲିଭାଉଛନ୍ତି। ଏବେ ସେହି ଫାର୍ମରୁ ପ୍ରତ୍ୟକ ଦୁଇ ମାସରୁ ପାଖାପାଖି ୪୦ ହଜାର ଟଙ୍କା ରୋଜଗାର କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ଜଣେ ସଫଳ ସ୍ୱାବଲମ୍ବୀ ମହିଳା ଭାବେ ନିଜର ପରିଚୟ ସୃଷ୍ଟି କରି ପାରିଛନ୍ତି ମଧୁସ୍ମିତା। ଏହା ସହ ସେ ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

**କୁକୁଡ଼ା ଚାଷ କରି ସଫଳ ହୋଇଛନ୍ତି ମଧୁସ୍ମିତା**

# ପିଲାଚୋର ସନ୍ଦେହରେ ଚାରିଜଣଙ୍କୁ ଘେରିଲେ ଗ୍ରାମବାସୀ



ଚନ୍ଦନେଶ୍ୱର, ୨୨।୪(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଧୀନ ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତର ସୁବର୍ଣ୍ଣରେଖା ଓ ବୋଙ୍ଗପସାଗର ମୁହଣ ସନ୍ନିକଟ କିର୍ତ୍ତନିୟା ମତ୍ସ୍ୟ ଅବତରୋଣ କେନ୍ଦ୍ର ନିକଟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗତକାଲି ରବିବାର ରାତି ପାଖାପାଖି ୧୦ଟା ସମୟରେ ୪ଜଣ ଅଚିହ୍ନା ଅପରିଚିତ ଦେଖାଯାଉଥିବା ଯୁବକ ଓ ମହିଳାଙ୍କୁ ଦେଖିବାକୁ ମିଳିଛି। ସେମାନେ ଛୋଟ ଛୋଟ ପିଲାଙ୍କୁ ଧରି ନେଇଯିବେ ସନ୍ଦେହ କରି ସ୍ଥାନୀୟ ସ୍ତ୍ରୀ ଲୋକମାନେ ଗାଁରେ ପ୍ରଚାରକରିଥିଲେ। ସ୍ଥାନୀୟକିର୍ତ୍ତନୀୟା ଅଧିବାସୀମାନେ ଘଟଣାସ୍ଥଳରେ ରୁଣ୍ଡ ହୋଇ ପିଲାଚୋର ସନ୍ଦେହରେ ଏକତ୍ରିତ ହେବା ବେଳକୁ ଦୁଇ ଜଣ ପାଗଳ ଘଟଣାସ୍ଥଳରୁ ସମୁଦ୍ର କୂଳ ନଦୀ ପଠାଦେଇ ଧାନକ୍ଷେତ ମଧ୍ୟକୁ ଦୌଡି ପଳାଇବାରୁ ଉପସ୍ଥିତ ଯୁବକମାନେ ତାଙ୍କୁ ଗୋଡାଇ ଗଡ଼ାଇ ଧରିଆଣିଥିଲେ। ସେମାନଙ୍କ ଭାଷା ବଙ୍ଗଳା ଓ ହିନ୍ଦୀ ମିଶାମିଶି ହୋଇଥିବାରୁ ସେମାନେ ବାଙ୍ଗଲାଦେଶୀ ନାଁ ସମୁଦ୍ରରେ ବାଟବଣା ଧିବର ଓ ପିଲାଚୋରକି ବୋଲି ସନ୍ଦେହ କରିଥିଲେ। ପରେ ଗ୍ରାମବାସୀମାନେ ସେମାନଙ୍କୁ ନିକଟସ୍ଥ ବାତ୍ୟା ନିବାସ ଗୃହରେ ଅଟକ ରଖି ସ୍ଥାନୀୟ ପୁଲିସକୁ ଫୋନ୍ କରି ଡ଼ାକି ସେମାନଙ୍କୁ ହସ୍ତାନ୍ତର କରିଥିଲେ।

# ଅବକାରୀ ବିଭାଗର ଚଢ଼ଉ; ୩ ଗିରଫ



ଖଇରା, ୨୨।୪(ସମିସ): ବାଲେଶ୍ୱର ଜିଲା ଖଇରା ଅବକାରୀ ବିଭାଗ ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବହୁ ପରିମାନର ଦେଶୀ ମହୁଲି ମଦ ଓ ଗୋଟିଏ ସ୍କୁଟି ଜବତ କରାଯାଇଥିବା ବେଳେ ୩ ବିକ୍ରେତାଙ୍କୁ ଗିରଫ କରାଯାଇଛି। ମାଖନପୁର ମାର୍କେଟ ନିକଟରୁ ସଞ୍ଜୟ କୁମାର ମହାନ୍ତି, ଗଣ୍ଡିବେଡ ମାର୍କେଟର ବିହାରୀ ବିକ୍ରେତା ଚନ୍ଦନ କୁମାର ଓ କମଳାକାନ୍ତ ପରିଡ଼ାଙ୍କ ନାମ ରହିଛି। ଖଇରା ଅବକାରୀ ଥାନା ଅଧିକାରୀ ସରୋଜ କୁମାର ଟିଗା ଓ କନେଷ୍ଟବଳ ତପନ ମଲ୍ଲିକ ପ୍ରମୁଖ ଏହି ଚଢ଼ଉରେ ସାମିଲ ହୋଇଥିଲେ।

# ପିଏକ୍ସଇ ଚାନ୍ଦିପୁରରେ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବାଲେଶ୍ୱର, ୨୨।୪(ସମିସ): ଚାନ୍ଦିପୁର ପିଏକ୍ସଇ, ଡିଆରଡିଓ ପରିସରରେ ଭାରତ ରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ପିଏକ୍ସଇ ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ବାବା ସାହେବଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚିତ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ କର୍ମଚାରୀମାନଙ୍କୁ ଉଦବୋଧନ ଦେଇ ଏହି ମହାପୁରୁଷଙ୍କ ଦ୍ୱାରା ପ୍ରଦର୍ଶିତ ଏକତା ଓ ସ୍ୱତନ୍ତ୍ରତାର୍ ମାର୍ଗ ବିଷୟରେ ଆଲୋଚନା କରିଥିଲେ। ତତ୍ ସହିତ ଆଜିର ପରିସ୍ଥିତିରେ ଆମ୍ବେଦକରଙ୍କ ଜୀବନ ଦର୍ଶନ ଏବଂ ଏହାର ପ୍ରାସଙ୍ଗିକତା ଉପରେ ଏକ ଦିବସୀୟ କାର୍ଯ୍ୟଶାଳାର ଆୟୋଜନ କରାଯାଇଥିଲା। ଏଥିରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପବିତ୍ର ମୋହନ ନାୟକ ଯୋଗଦେଇ ଉପରୋକ୍ତ ବିଷୟରେ ନିଜର ଅଭିମତ ରଖିଥିଲେ। କାର୍ଯ୍ୟକ୍ରମରେ ବୈଜ୍ଞାନିକ, କର୍ମଚାରୀ, ଗବେଷଣାରତ ବିଦ୍ୱାନମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ପିଏକ୍ସଇ, ଆଇଟିଆର୍, ଏମ୍ଇଏସ୍ର ବିଭିନ୍ନ ୟୁନିୟନ ଓ ଆସୋସିଏସନ୍ର କର୍ମକର୍ତ୍ତାଙ୍କ ସମେତ ଚାନ୍ଦିପୁର ପରିସରସ୍ଥ ବିଭିନ୍ନ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ଡାକଘର ଓ ଥାନାର ମୁଖ୍ୟମାନେ ଯୋଗଦେଇଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ



ବଳରାମପୁର, ୨୨।୪(ସମିସ): ସଦର ବ୍ଲକ ଅନ୍ତର୍ଗତ ଆଲୁମେଦା ପଞ୍ଚାୟତର ଜୁଆରିପାହି ଗ୍ରାମର ଝାଡେଶ୍ୱର ପାତ୍ରଙ୍କ ପୁଅ ଲିଲିପ୍ କୁମାର ପାତ୍ର (୨୮)ଙ୍କ ରବିବାର ରାତିରେ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି। ଘଟଣାରୁ ପ୍ରକାଶ ଲିଲିପ୍ ରବିବାର ରାତିରେ ନିଜ ଚିଙ୍ଗୁଡ଼ିଘେରିକୁ ମଟର ଚଳାଇବାକୁ ଯାଇ ସେଠାରେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଲିଲିପ୍ ଘରକୁ ଫେରିବାର ବିଳମ୍ବ ହେବାରୁ ପରିବାରର ସଦସ୍ୟମାନେ ଖୋଜାଖୋଜି ପରେ ପାଣିରୁ ତାଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ବାଲେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଗଲାବେଳେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ଡାକ୍ତରଖାନା ପରିସରରେ ଥିବା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି।

# ଟ୍ରାକ୍ଟରକୁ ଧକ୍କା ଦେଲା ଡମ୍ପର; ଜଣେ ଗୁରୁତର



ଜଳେଶ୍ୱର, ୨୨।୪(ସମିସ): ଜଳେଶ୍ୱର ଥାନା ୬୦ ନମ୍ବର ଜାତୀୟ ରାଜପଥର ନନ୍ଦିକା ଠାରେ ଟ୍ରାକ୍ଟରକୁ ପଛପଟୁ ଡମ୍ପର ଧକ୍କା ଦେବାରୁ ଜଣେ ଗୁରୁତର ହୋଇଛନ୍ତି। ସୂଚନାନୁଯାୟୀ, ସକାଳ ୮ଟା ସମୟରେ ରାଜପଥର ନନ୍ଦିକା ଠାରେ ପଶ୍ଚିମବଙ୍ଗ ଆଡ଼କୁ ଟ୍ରାକ୍ଟରରେ ଧାନକଟା ମେସିନ ଲୋଡ୍ ହୋଇ ଯାଉଥିବା ସମୟରେ ପଛପଟୁ ବାଲି ବୋଝେଇ ଡମ୍ପର ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଲୋଡ ଥିବା ଧାନକଟା ମେସିନ ବିଲ ଭିତରକୁ ଯାଇ ପଡ଼ିଥିଲା। ଏଥିସହିତ ଡମ୍ପରରେ ଥିବା ହେଲ୍ପର ମଧ୍ୟ ବାହାରକୁ ଛିଟିକି ପଡ଼ିଥିଲେ। ଫଳରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ନିଆ ଯାଇଥିଲା। ସେଠାରେ ଅଧିକ ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜଳେଶ୍ୱର ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ଡାକ୍ତରଖାନା ପରିସର ଗାଡ଼ି ଗ୍ୟାରେଜକୁ ନେଇ ତଦନ୍ତ ଦାବି

ନୀଳଗିରି, ୨୨।୪(ସମିସ): ଡାକ୍ତରଖାନା ପରିସରେ ଗାଡ଼ି ଗ୍ୟାରେଜ ନିର୍ମାଣକୁ ନେଇ ଅଞ୍ଚଳରେ ହଟଚମଟ ସୃଷ୍ଟି ହୋଇଛି। ବିବରଣୀ ଅନୁଯାୟୀ ନୀଳଗିରି ବ୍ଲକ ବଣସୀମା ଅନ୍ତର୍ଗତ ବରହମପୁର ଡାକ୍ତରଖାନାରେ ଭିତରେ ରୋଗି ସେବା ହେଉଥିବା ବେଳେ ଦୁଇ ଚକିଆ ଠାରୁ ଚାରି ଚକିଆ ଯାନ ମରାମତି କରାଯାଉଛି। ଏଥିରେ ଡାକ୍ତରଖାନା କର୍ତ୍ତୃପକ୍ଷ ପ୍ରଶ୍ରୟ ଦେଇଥିବା ଅଭିଯୋଗ ହୋଇଛି। ତେବେ ଏପରି କାର୍ଯ୍ୟ କରିବା ପାଇଁ ଗାଡ଼ି ଗ୍ୟାରେଜ ମାଲିକଙ୍କୁ ଅନୁମତି ଦେଇଛି କିଏ। ତତ୍ ସହିତ ବିଭିନ୍ନ ମେଳା ମହୋତ୍ସବକୁ ବୁଲି ଆସିଥିବା ଦର୍ଶକମାନଙ୍କ ଗାଡ଼ି ବହୁ ସମୟ ଧରି ଡାକ୍ତରଖାନା ପରିସରରେ ପାର୍କିଂ କରାଯାଉଥିବାର ଦେଖାଯାଇଛି। ତେବେ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାସହିତ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।



**ଖରାରେ ସିଝୁଛି ବାଲେଶ୍ୱର**

# ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଶଯ୍ୟାର ବ୍ୟବସ୍ଥା




ବାଲେଶ୍ୱର, ୨୨।୪(ସମିସ)]

ଅସହ୍ୟ ତାତିରେ ସିଝୁଛି ପୁରା ସହର। ଦୀର୍ଘ ୮ ଦିନ ଧରି ବାଲେଶ୍ୱର ଜିଲ୍ଲାର ତାପମାତ୍ର ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ଚାରିଦିନରୁ ପାଞ୍ଚଦିନ ହୋଇଯିବ ସହରର ତାପମାତ୍ରା ୪୨ ଡିଗ୍ରୀକୁ ବି ଟପିଗଲାଣି। ଏନେଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବଢୁଥିବା ଗ୍ରୀଷ୍ମ ପ୍ରବାହକୁ ଧ୍ୟାନରେ ରଖି ଅଂଶୁଘାତର ଶିକାର ହେଉଥିବା ଲୋକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କିଛିଦିନ ଧରି ଦିନ ତାପମାତ୍ରା ବୃଦ୍ଧି ପାଉଥିବାରୁ ଲୋକମାନଙ୍କଠୁ ଆରମ୍ଭ କରି ଜୀବଜନ୍ତୁ ପର୍ଯ୍ୟନ୍ତ ସମସ୍ତେ ଖରାରେ ଛଟପଟ ହେଉଛନ୍ତି। ଘଣ୍ଟାରେ ୧୧ଟା ବାଜିଲାବେଳକୁ ରାସ୍ତାଘାଟ ଫାଙ୍କା ପଡ଼ିବା ଆରମ୍ଭ ହେବାକୁ ଲାଗୁଛି। ଦିନ ବେଳା ଖରାରେ ଲୋକମାନେ ଘରୁ ବାହାରକୁ ବାହାରିବାକୁ ମନ ବଳାଉନାହାନ୍ତି। ଖରାକୁ ଦୃଷ୍ଟିରେ ରଖି ବିଭିନ୍ନ ଛକମାନଙ୍କରେ ମଧ ଜଳଛତ୍ର ଖୋଲାଯାଉଛି। କେବଳ ଛକ ନୁହଁ ମେଡିକାଲମାନଙ୍କରେ ମଧ୍ୟ ଜଳ ଛତ୍ର ଖୋଲାଯାଉଛି। ବୃଦ୍ଧିପାଉଥିବା ଖରାର ପ୍ରକୋପକୁ ଦୃଷ୍ଟି ରଖିରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଡିଏମଓ ସୂଚନା ଦେଇଛନ୍ତି। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ ପୀଡ଼ିତମାନଙ୍କ ପାଇଁ ସ୍ୱତନ୍ତ୍ର ଶଯ୍ୟା ବ୍ୟବସ୍ଥା କରାଯାଇଛି। ଅଂଶୁଘାତ ରୋଗୀଙ୍କ ପାଇଁ ଏହି ୱାର୍ଡରେ ୬ଟି ଶଯ୍ୟାର ବ୍ୟବସ୍ଥା ରହିଛି। ଏହା ସହିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇଲେ ଏହି ୱାର୍ଡର ଶଯ୍ୟା ସଂଖ୍ୟା ମଧ୍ୟ ବୃଦ୍ଧି କରାଯିବା ନେଇ ସୂଚନା ଦେଇଛନ୍ତି ଏଡିଏମଓ। ଅଂଶୁଘାତ ହେଉଥିବା ରୋଗୀମାନଙ୍କୁ ପ୍ରଥମେ ପ୍ରାଥମିକ ଚିକିତ୍ସା ଦିଆଯିବ। ଓ ଅଧିକ ଗୁରୁତର ଥିବା ରୋଗୀମାନଙ୍କୁ ପାଇଁ ଆଇସିୟୁର ବ୍ୟବସ୍ଥା କରାଯାଇଛି। ଏହି ୱାର୍ଡ ଥିବା ୬ଟି ଶଯ୍ୟା ମଧ୍ୟରୁ କାଜୁଏଲଟିରେ ୪ଟି ଶଯ୍ୟା ରଖଯାଇଛି ଓ ଆଉ ୨ଟି ଶଯ୍ୟା କ୍ୟାବିନରେ ରଖଯାଇଛି ବୋଲି ସୂଚନା ଦେଇଛନ୍ତି। ପ୍ରତ୍ୟେକ ୱାର୍ଡରେ ଥିବା ରୋଗୀ ଏବଂ ସେମାନଙ୍କ ପରିବାର ବର୍ଗ ନିମନ୍ତେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଖରା ଜନିତ ରୋଗର ଶିକାର ହେଉଥିବା ରୋଗୀଙ୍କ ପାଇଁ ସେହି ୱାର୍ଡରେ ଏସି, କୁଲର ଓ ପ୍ରତ୍ୟେକ କର୍ଣ୍ଣରରେ ଓଆରଏସ ଦିଆଯିବ ସହିତ ବରଫ ଏବଂ ଔଷଧର ବନ୍ଦୋବସ୍ତ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସୁସ୍ଥ ହେବା ପାଇଁରେ ଆସୁଥିବା ରୋଗୀ ଓ ସେମାନଙ୍କ ପରିବାର ଲୋକଙ୍କ ନିମନ୍ତେ ଏକ ଶହେ ଜଣ ବିଶିଷ୍ଟ ଏକ ପ୍ରତକ୍ଷ୍ୟଳୟର ବ୍ୟବସ୍ଥା କରାଯାଉଛି ବୋଲି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠୁ ଆରମ୍ଭ କରି ପେରିଫେରି ହଲ ଲୋକାଲ ହସ୍ପିଟାଲ ପର୍ଯ୍ୟନ୍ତ ସମସ୍ତ ମେଡିକାଲ ଅଫିସରମାନଙ୍କୁ (ଏଚଆରଆଇ) ହିଟ ରିଲେଟେଡ ଇଲନେସରେ ହେଉଥିବା ବାନ୍ତି ହେବା, ମୁଣ୍ଡ ବୁଲାଇବା, ଦେହ ହାତ ଥରିବା, ଖରାରୁ ଆସିଲା ପରେ ଆଖିକୁ ଦେଖା ନ ଯିବା ଭଳି ରୋଗ ପାଇଁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯାଇଛି ବୋଲି କହିଛନ୍ତି ଏଡିଏମଓ। ଏପଟେ ପ୍ରତ୍ୟେକ ଆଶା କର୍ମଚାରୀମାନଙ୍କଠୁ ଆରମ୍ଭ କରି ଏଏନଏମଙ୍କୁ ଅଂଶୁଘାତ ରୋଗୀଙ୍କ କିପରି ଯତ୍ନ ନେବେ ସେଥିପାଇଁ ପ୍ରଶିକ୍ଷଣ ଦିଆଯାଇଛି ବୋଲି କହିଛନ୍ତି। ପିଏସି (ପ୍ରାଇମେରୀ ହେଲଥ ସେଣ୍ଟର) ସ୍ତରରେ ଖରାଜନିତ ରୋଗୀଙ୍କ ପାଇଁ ଗୋଟେ ଶଯ୍ୟାର ବ୍ୟବସ୍ଥା ରହିଥିବାବେଳେ ସିଏଚସିରେ ୨ଟି ଶଯ୍ୟାର ବ୍ୟବସ୍ଥା ସହିତ ସେଠାରେ ମଧ୍ୟ ଗରମରୁ ରକ୍ଷା ପାଇଁ ଏସି, କୁଲର, ଖରା ଜନିତ ରୋଗ ପାଇଁ ସମସ୍ତ ପ୍ରକାରର ଔଷଧ, ଓଆରଏସ ଓ ସାଲାଇନ ଗଚ୍ଛିତ କରାଯାଇଛି। ଲୋକମାନଙ୍କୁ ସଚେତନ କରେଇବା ଏବଂ ଅଧିକ ଖରାରେ ବାହାରକୁ ନଆସିବା ପାଇଁ ଏହା ସହିତ ମଧୁମେହ ରୋଗୀ, ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକ ଓ ପିଲାମାନଙ୍କୁ ବିନାକାରଣ ଖରାକୁ ନ ଯିବାକୁ ବୁଝେଇବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏଡିଏମଓ କହିଛନ୍ତି।

ମେଳାରେ ନିଶାଗ୍ରସ୍ତ ଯୁବକଙ୍କ ଉନ୍ମତ୍ତ କାଣ୍ଡ

# କାର୍ଯ୍ୟାଳୟ ଭାଙ୍ଗିଲେ; ଆକ୍ରମଣ କରି ଟଙ୍କା ଲୁଟିଲେ



**ଭୋଗରାଇ/ଚୌକି,୨୨।୪(ସମିସ):** ଭୋଗରାଇ ଥାନା କୁମ୍ଭାରମୁଳି ପଞ୍ଚାୟତ ଚୌକୀ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ଚଡ଼କ ମେଳାରେ ଡିଜେ ସାଉଣ୍ଡକୁ ନିଷେଧ କରିବାରୁ ଅସାମାଜିକ ଯୁବକମାନଙ୍କ ଦ୍ୱାରା ବ୍ୟାପକ ଭଙ୍ଗାରୁଜା ଓ ଦୋକାନ ଲୁଟପାଟ ଘଟଣାକୁ ୪୮ ଘଣ୍ଟା ନପୁରୁଣୁ ପାଣିଷଣ୍ଡା ପଞ୍ଚାୟତ ଗଣେଶ୍ୱରପୁର ହାଟ ସାର୍ବଜନୀନ ବାସନ୍ତୀମାତାଙ୍କ ପୂଜା ଉତ୍ସବ ମେଳାରେ ସମାନ ଘଟଣା ଦେଖିବାକୁ ମିଳିଛି। ନିଶାଗ୍ରସ୍ତ ଅସାମାଜିକ ଯୁବକମାନେ ପୂଜା କମିଟିର ସଦସ୍ୟମାନଙ୍କୁ ଗାଳିଗୁଲଜ ଓ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏପରିକି କାର୍ଯ୍ୟାଳୟର ଆସବାବପତ୍ର ଭଙ୍ଗାରୁଜା କରିବା ସହିତ ପୂଜାଚାନ୍ଦା ପାଇଁ ବାକ୍ସରେ ଥିବା ୨୯ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ସଂଗୃହିତ ଅର୍ଥ ଲୁଟି ନେଇଥିବା ଅଭିଯୋଗ ହୋଇଛି। ପାଣିଷଣ୍ଡା ପଞ୍ଚାୟତ ଅନ୍ତର୍ଗତ ତଥା ପଶ୍ଚିମବଙ୍ଗ ସୀମାନ୍ତ ଗଣେଶ୍?ରପୁର ହାଟ ସାର୍ବଜନୀନ ବାସନ୍ତୀ ପୂଜା ଉତ୍ସବକୁ ୭୧ ବର୍ଷ ପୁରିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମହାଆଡ଼ମ୍ବରରେ ବାସନ୍ତୀମାତାଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ସହିତ ଆକର୍ଷଣୀୟ ମେଳା ବସିଛି। ପ୍ରତିଦିନ ସନ୍ଧ୍ୟାରେ କୁନିକୁନି ପିଲାମାନଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ସହିତ ରାତିରେ ମେଲୋଡି କାର୍ଯ୍ୟକ୍ରମ ଚାଲିଛି। ଏହି କ୍ରମରେ ରବିବାର ରାତିରେ ପଶ୍ଚିମବଙ୍ଗ ଅଞ୍ଚଳର ଜନୈକ ମେଲୋଡି ଗ୍ରୁପ୍ ସେମାନଙ୍କ କାର୍ଯ୍ୟକ୍ରମ ବିଳମ୍ବିତ ରାତିରେ ଶେଷ ହୋଇଥିଲା। ଏହି ସମୟରେ ସେହି ଗ୍ରାମର ଭରତ ମହାକୁଡ଼ଙ୍କ ପୁଅ ରତନ ମହାକୁଡ, ସୁମନ ମହାକୁଡ ଓ ସପନ ମହାକୁଡ ଏବଂ ଶ୍ୟାମସୁନ୍ଦର ମହାକୁଡ଼ଙ୍କ ପୁଅ ଟିକିନା ମହାକୁଡ଼ଙ୍କ ସହିତ ରତନଙ୍କ ଗାଡ଼ି ଚାଳକ ବାଲିଆପାଳ ବ୍ଲକ ଅଞ୍ଚଳର ଜନୈକ ଯୁବକ ବିଟୁ ମିଳିତ ଭାବେ ନିଶାଗ୍ରସ୍ତ ଅବସ୍ଥାରେ ସେଠାରେ ପହଞ୍ଚି ପୁଣି ମେଲୋଡି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଜିଦ୍ କରିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ ଥିବା କମିଟିର ବରିଷ୍ଠ ସଦସ୍ୟ ଗଣେଷ ଚନ୍ଦ୍ର ତୋଳା ସେମାନଙ୍କୁ ବିରୋଧ କରିଥିଲେ। ଫଳରେ ସଂପୃକ୍ତ ୫ ଜଣ ନିଶାଗ୍ରସ୍ତ ଯୁବକ ଉତ୍ତେଜିତ ହୋଇ ଗଣେଶଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ କମିଟିର ସଦସ୍ୟମାନଙ୍କୁ ଗାଳିଗୁଲଜ କରିଥିଲେ। ଏହାସହିତ କମିଟିର କାର୍ଯ୍ୟାଳୟଟେଣ୍ଟ ସମେତ ଟେବୁଲ, ଚେୟାର, ଲାଇଟ ଓ ଷ୍ଟାଣ୍ଡଫ୍ୟାନ ଆଦି କଚାଡ଼ି ଭାଙ୍ଗିବା ସହିତ ସେହି ଦିନ ପୂଜା ଚାନ୍ଦା କଲେକ୍ସନ ହୋଇ ବାକ୍ସରେ ଥିବା ୨୯ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ। ଖବର ପାଇ କମିଟିର ସମସ୍ତ ସଦସ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା ବେଳେ ସେମାନେ ସେଠାରୁ ଖସି ପଳାଇ ଥିଲେ। ଏନେଇ କମିଟିର ସଦସ୍ୟମାନେ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲା ବେଳେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଂପୃକ୍ତ ଯୁବକମାନେ ଏବେ ଘର ଛାଡ଼ି ଅନ୍ୟତ୍ର ପଳାଇ ଯିଥିବାବେଳେ ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ତେବେ ଭୋଗରାଇ ଥାନା ଅଞ୍ଚଳର ବିଭିନ୍ନ ମେଳା ଓ ଉତ୍ସବରେ ବାରମ୍ବାର ନିଶାଗ୍ରସ୍ତ ଅସାମାଜିକ ଯୁବକମାନଙ୍କ ଏଭଳି ଦୌରାତ୍ମ୍ୟ ଓ କାର୍ଯ୍ୟକଳାପକୁ ଲୋକେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ସମ୍ପୃକ୍ତ ଯୁବକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

# ବିଜେଡିରେ ମିଶିଲେ ପାଣି ପଞ୍ଚାୟତ ସମ୍ପାଦକ ଓ ଲ୍ୟାମ୍ପ୍ସ ନିର୍ଦ୍ଦେଶକଙ୍କ ସମେତ ୧୬ ଜଣ



**ନୀଳଗିରି,୨୨।୪(ସମିସ):** ସୋମବାର ଅପରାହ୍ଣ ୩ଟାରେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ଜଣେ ପାଣି ପଞ୍ଚାୟତ ସମ୍ପାଦକ ଓ ଲ୍ୟାମ୍ପ୍ସ ନିର୍ଦ୍ଦେଶକଙ୍କ ସମେତ ୧୬ ଜଣ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ପ୍ରମୁଖ ଅନ୍ୟ ଦଳ ଛାଡି ବିଜୁ ଜନତା ଦଳରେ ଅନୁପ୍ରାଣିତ ହୋଇ ଆଜି ମିଶିଛନ୍ତି। ସେମାନେ ହେଲେ ନୀଳଗିରି ବ୍ଲକ ରିଷିଆ ପାଣି ପଞ୍ଚାୟତର ସମ୍ପାଦକ ଶ୍ରୀକଣ୍ଠ ମାଣିକ, ନୀଳଗିରି ଲ୍ୟାମ୍ପ୍ସ ନିର୍ଦ୍ଦେଶକ ପ୍ରତାପ ରୁଦ୍ର ସିଂଙ୍କ ସମେତ ଅନ୍ୟ ୧୬ଜଣଙ୍କ ମଧ୍ୟରେ ଗରଡିହି, ଧରମପୁର ମହିଷାପଟ୍ଟା, କେଶୀପୁର, ଧୋବଶିଳା ଓ ବାଙ୍ଗଶବଣିଆ ପ୍ରମୁଖ ପଞ୍ଚାୟତରୁ ଅନ୍ୟ ଦଳ ଛାଡି ବିଜେଡିରେ ମିଶିଥିଲେ। ଶ୍ରୀ ନାୟକ ଦଳୀୟ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ବିଜେଡି ଦଳ ଆହୁରି ସୁଦୃଢ ହେବା ସହିତ ଆଗାମୀ ନିର୍ବାଚନରେ ବିଜେଡି ବହୁ ମତରେ ଜିତିବ ବୋଲି ଶ୍ରୀ ନାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଉପେନ୍ଦ୍ର ଦାସ, ଉପେନ୍ଦ୍ର ନାୟକ, ରାଜୀବ ଦାସବାବୁ, ପ୍ରମୁଖ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ୧୧ ଫୁଟ ଲମ୍ବର ଅଜଗର ଉଦ୍ଧାର



**ଜଳେଶ୍ୱର,୨୨।୪(ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ଦ୍ଧନା ପଞ୍ଚାୟତର ଖରିଦା ଗ୍ରାମର ସାପ ଧରାଳିଙ୍କ ଦ୍ୱାରା ୧୧ ଫୁଟ ଲମ୍ବ ଓ ୧୪ କିଲୋଗ୍ରାମ ଓଜନର ଅଜଗର ସାପକୁ ଉଦ୍ଧାର କରିବା ସହ ପରେ ଜଙ୍ଗଲକୁ ଛାଡ଼ିଦିଆଯାଇଛି। ଭୋଗରାଇ ବ୍ଲକର କୁଳିଦା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରତାପ ଜେନା ସ୍କୁଲ ପାଖରୁ ଏକ ବିଶାଳ ଅଜଗର ସାପ ଠାବ କରାଯାଇଛି ବୋଲି ସାପ ଧରାଳି ବସନ୍ତ କୁମାର ଜେନାଙ୍କୁ ଫୋନ୍‌ରେ କହିଥିଲେ। ସଙ୍ଗେ ସଙ୍ଗେ ସେ ସକାଳ ସମୟରେ ସାପ ଧରାଳି କୁଳିଦା ପଞ୍ଚାୟତ ମଧୁପୁରା ଗ୍ରାମର ଉପ୍ରା ବିଦ୍ୟାଳୟ ନିକଟରେ ସରପଞ୍ଚଙ୍କ ସହ ପହଞ୍ଚିଥିଲେ। ବିଦ୍ୟାଳୟର କାର୍ଯ୍ୟାଳୟ ମଧ୍ୟରେ ଏକ ବିଶାଳକାୟ ଅଜଗର ସାପ ଦେଖି ତାକୁ କୌଶଳ କ୍ରମେ ଧରିଥିଲେ। ପରେ ସାପ ଧରାଳି ଶ୍ରୀ ଜେନା ଜଳେଶ୍ୱର ସ୍ଥିତ ବନ ବିଭାଗ କାର୍ଯ୍ୟାଳୟରେ ଜିମା ଦେଇଥିଲେ। ବନ ବିଭାଗ ଅଜଗରକୁ ଜଙ୍ଗଲରେ ଛାଡ଼ିଥିବା ଜଣା ପଡ଼ିଛି। ସାପ ଧରାଳି ଶ୍ରୀ ଜେନାଙ୍କ ସାହସିକତାକୁ ଉଭୟ ଭୋଗରାଇ ଓ ଜଳେଶ୍ୱର ଅଞ୍ଚଳର ଲୋକେ ଧନ୍ୟବାଦ୍ ଜଣାଇଛନ୍ତି।

# ଅସହାୟ ପରିବାରକୁ ସହାୟତା କଲେ ସମାଜସେବୀ



**ବଳରାମପୁର,୨୨।୪(ସମିସ):** ଗରିବ ଘରର ମେରୁଦଣ୍ଡ ଭାଙ୍ଗିଯିବା ପରେ ଅସହାୟ ହୋଇଗଲା ପରିବାର। ପରଘରେ ମୁଲ ଲାଗି ସବିତା ନିଜର ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ବିଧାତାର ଖେଳ ଏକମାତ୍ର ରୋଜଗାରକ୍ଷମ ସବିତା ଦଳାଇଙ୍କୁ ସାପ କାମୁଡ଼ି ବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ସବିତାଙ୍କ ପରିବାର କହିଲେ ସ୍ୱାମୀ ଜଗବନ୍ଧୁ ଦଳାଇ ଜଣେ ଭିନ୍ନକ୍ଷମ, ସବିତାଙ୍କ ୪ ଜଣ ଛୋଟଛୋଟ ପିଲା ଅଛନ୍ତି। ଏହି ଅସହାୟ ପରିବାରକୁ ବିଜୁଜନତା ଦଳର ଯୁବନେତା ସମାଜସେବୀ ଧୂଳିଆ ଦେ ୧୦ହଜାର ଟଙ୍କା ପ୍ରଦାନ କରିଥିବା ସମୟରେ ୱାର୍ଡ ସଦସ୍ୟ ମନ୍ମଥ ବିଶ୍ୱାଳ, ଲକ୍ଷ୍ମୀକାନ୍ତ ଦେ, ମଦନମୋହନ ଦାସ, ବିଷ୍ଣୁପଦ ରାଉତ, ପବନ ଗିରି, ଗୌରାଙ୍ଗ ଦଳାଇ, ସମାଜସେବୀ ମାଳତୀ ନାୟକ, ବଡ଼ାଶ ପଞ୍ଚାୟତ ସଭାପତି ସାର୍ଥକ ରଣଜିତ ପ୍ରମୁଖ ଉପସ୍ଥିତ ରହି ଏଭଳି ଏହି ଗରିବ ପରିବାରକୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି। ସମାଜସେବୀଙ୍କ ଏହି ମହତ କାର୍ଯ୍ୟ ପାଇଁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

# କ୍ଷେତ୍ରପାଳ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଚୋରି

**ରାଜଘାଟ,୨୨।୪(ସମିସ):** ବସ୍ତା ଥାନା ଅନ୍ତର୍ଗତ ଗୋବରଘୋଟି କ୍ଷେତ୍ରପାଳ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀକୁ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଘଟଣାରୁ ପ୍ରକାଶ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବିଦ୍ୟାଳୟ ଭିତରକୁ ପଶି ଶ୍ରେଣୀ ଗୃହର ତାଲା ଭାଙ୍ଗି ଗୋଟିଏ ଏଲଇଡି ଟିଭି ଓ କିଛି ଖେଳ ସାମଗ୍ରୀକୁ ଲୁଟି ନେଇଥିଲେ। ସୋମବାର ସକାଳେ ଶିକ୍ଷକମାନେ ବିଦ୍ୟାଳୟକୁ ଆସି ଶ୍ରେଣୀଗୃହରେ ତାଲା ଭଙ୍ଗା ଯାଇ ଟିଭି ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଦେଖି ତୁରନ୍ତ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ଚୋରି ହୋଇଥିବା ସାମଗ୍ରୀର ମୂଲ୍ୟ ୪ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ପ୍ରଧାନଶିକ୍ଷକ ବସନ୍ତ କୁମାର ନାୟକ ଅଭିଯୋଗ କରିଛନ୍ତି। ଚୋରି ସମ୍ପର୍କରେ ପ୍ରଧାନଶିକ୍ଷକ ଜଣକ ବସ୍ତା ଥାନାରେ ଅଭିଯୋଗ କରିଥିବା ବେଳେ ଘଟଣା ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଅବଗତ କରିଥିବା ଜଣାଯାଇଛି। ବସ୍ତା ପୁଲିସ ସ୍କୁଲରେ ପହଞ୍ଚି ତଦନ୍ତ ଚଳାଇଛି।

# ଗଳାପୋଲ ତଳୁ ଯୁବକଙ୍କ ମୃତଦେହ ଉଦ୍ଧାର

**ରାଜଘାଟ,୨୨।୪(ସମିସ):** ଦକ୍ଷିଣ ପୂର୍ବ ରେଳପଥର ରୂପସା-ଖଡ଼ଗପୁର ରେଳ ଡିଭିଜନ ଅନ୍ତର୍ଗତ ଅମର୍ଦ୍ଦାରୋଡ ରେଳ ଷ୍ଟେସନ ଅନତି ଦୂର ଗେଟ୍ ବଜାର ରେଳ ଫାଟକ ଗଳାପୋଲ ନିକଟରୁ ସୋମବାର ଜଣେ ଯୁବକର ମୃତଦେହ ଉଦ୍ଧାର କରାଯାଇଛି। ଘଟଣାରୁ ପ୍ରକାଶ, ଆଜି ସକାଳ ସମୟରେ ସ୍ଥାନୀୟ ମିଲବାଡ଼ି ସାହିର କିଛି ଲୋକେ ଉକ୍ତ ଗଳାପୋଲ ରାସ୍ତାଦେଇ ବଜାରକୁ ଯିବା ସମୟରେ ମୁଣ୍ଡ ଓ ଦେହ ଯାକ କ୍ଷତ ଚିହ୍ନ ଥିବା ଜଣେ ଯୁବକର ମୃତଦେହ ପୋଲ ନିକଟରେ ପଡ଼ିଥିବାର ଦେଖି ଷ୍ଟେସନ ମାଷ୍ଟରଙ୍କୁ ଖବର ଦେଇଥିଲେ। ଷ୍ଟେସନ ମାଷ୍ଟର ଘଟଣା ସମ୍ପର୍କରେ ଜଳେଶ୍ୱର ଆରପିଏଫ୍ ଓ ବସ୍ତା ପୁଲିସକୁ ଖବର ଦେଇବାରୁ ପୁଲିସ ସାଇଣ୍ଟିଫିକ୍ ଟିମକୁ ନେଇ ଉକ୍ତ ପୋଲ ନିକଟରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଏ ସଂକ୍ରାନ୍ତରେ ବାଲେଶ୍ୱର ଜିଆରପି ପୁଲିସରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ମୃତକଙ୍କ ପରିଚୟ ଜାଣିବା ପାଇଁ ପକେଟରୁ ମିଳିଥିବା କାଗଜରେ ଲେଖାଥିବା ଜଣେ ଅପରିଚିତ ବ୍ୟକ୍ତିଙ୍କର ନମ୍ବରକୁ ଫୋନ କରି ରେଳବାଇ ପୁଲିସ ଓ ବସ୍ତା ଥାନା ପୁଲିସ ଯୋଗାଯୋଗ ଜାରି ରଖିଛି।

■ ବାଲି ଟ୍ରାକ୍ଟରରେ ଚାପି ହୋଇ ନାବାଳକ ଖଲାସୀର ମୃତ୍ୟୁ ଘଟଣା

# ଟ୍ରାକ୍ଟର ମାଲିକଙ୍କ ଘର ଆଗରେ ଶବରଖି ରାସ୍ତା ଅବରୋଧ କଲେ ଗ୍ରାମବାସୀ



**ଭୋଗରାଇ,୨୨।୪(ସମିସ):** ପଶ୍ଚିମବଙ୍ଗକୁ ବାଲି ନେଇ ଯାଉଥିବା ଟ୍ରାକ୍ଟରରେ ଚାପି ହୋଇ ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅନ୍ତର୍ଗତ ପ୍ରିୟବାଗ ଗ୍ରାମର ବସନ୍ତ ଜେନାଙ୍କ ନାବାଳକ ପୁଅ ବିନୋଦ ଜେନାଙ୍କ ମୃତ୍ୟୁ ହୋଇଯାଇଛି। ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଚାଳକ ଦୁବସାହି ଗ୍ରାମର ଦିଲ୍ଲୀପ ଦାସଙ୍କ ପୁଅ ସୋନୁ ଦାସ (୧୭) ଟ୍ରାକ୍ଟର ନେଇ ଫେରାର ହୋଇଯାଇଥିଲା ବେଳେ ଏନେଇ ପଶ୍ଚିମବଙ୍ଗ ଏଗ୍ରା ଥାନାରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ସୋମବାର ସକାଳେ କମର୍ଦ୍ଦା ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ଟ୍ରାକ୍ଟରରେ ନାବାଳକ ଚାଳକ ନିଯୁକ୍ତି ଦେଇଥିବା କମର୍ଦ୍ଦା ଥାନା ଗୁଣସାର୍ଥା ପଞ୍ଚାୟତ ଅନ୍ତର୍ଗତ ଦୁବସାହି ଗ୍ରାମର ନରେଶ ଚନ୍ଦ୍ର ପାତ୍ରଙ୍କ ପୁଅ ସପନ ପାତ୍ରଙ୍କୁ ତୁରନ୍ତ ଗିରଫ କରିବା ନଚେତ ମୃତ ନାବାଳକର ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ଗ୍ରାମବାସୀ ତାଙ୍କ ଘର ସମ୍ମୁଖରେ ଶବ ରଖିବା ସହ ଟାୟାର ଜାଳି ଦୀର୍ଘ ୬ ଘଣ୍ଟା ମହାଗବ-ମାହାଦିଆ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା ଅବରୋଧ କରିଥିଲେ। ପରେ ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଓ ପଡୋଶୀ ଭଦ୍ରବ୍ୟକ୍ତିଙ୍କୁ ନେଇ ଉତ୍ତେଜିତ ଲୋକଙ୍କୁ ବହୁ ବୁଝାସୁଝା କରିବା ସହିତ ଶ୍ରୀ ପାତ୍ରଙ୍କ ଜ୍ୱାଇଁ ଓ ବଡ଼ଭାଇଙ୍କୁ ଡକାଇ ଆଲୋଚନା କରିଥିଲେ। ପରେ ମୃତ ନାବାଳକର ପରିବାରକୁ କ୍ଷତିପୂରଣ ଦେବା ପରେ ଗାଁ ମଶାଣିରେ ମୃତକର ଅନ୍ତିମ ସଂସ୍କାର କରାଯାଇଛି। ପ୍ରକାଶ ଯେ, କମର୍ଦ୍ଦା ଥାନା ଗୁଣସାର୍ଥା ପଞ୍ଚାୟତ ଅନ୍ତର୍ଗତ ଦୁବସାହି ଗ୍ରାମର ନରେଶ ଚନ୍ଦ୍ର ପାତ୍ରଙ୍କ ପୁଅ ସପନ ଟ୍ରାକ୍ଟରରେ ଚାଳକ ଭାବେ ସେହି ଗ୍ରାମର ଦିଲ୍ଲୀପ ଦାସଙ୍କ ପୁଅ ସୋନୁ ଦାସ (୧୭)ଙ୍କୁ ନିଯୁକ୍ତି ଦେଇଛନ୍ତି। ରବିବାର ଅପରାହ୍ଣରେ ଚାଳକ ସୋନୁ ବାଲି ବୋଝେଇ କରି ପଶ୍ଚିମବଙ୍ଗ ସାହାଡ଼ା ଗ୍ରାମକୁ ପ୍ରିୟବାଗ ଗ୍ରାମର ବସନ୍ତ ଜେନାଙ୍କ ନାବାଳକ ପୁଅ ବିନୋଦ (ଟିଙ୍କୁ)କୁ ଖଲାସୀ ଭାବେ ତାକୁ ଡାକି ନେଇଥିଲା। ପୂର୍ବ ଅନଳିଆ-ସାହାଡ଼ା ଆନ୍ତଃରାଜ୍ୟ ସଂଯୋଗ ରାସ୍ତାରେ ଯାଉଥିବା ସମୟରେ ପଶ୍ଚିମବଙ୍ଗର ଏଗ୍ରା ଥାନା ଅନ୍ତର୍ଗତ ସାହାଡ଼ା ଗ୍ରାମ ରାସ୍ତାରେ ବିନୋଦ ତଳକୁ ଖସି ପଡ଼ି ତା ଉପରେ ଟ୍ରାକ୍ଟର ଚଢ଼ି ଯାଇଥିଲା।

● ଅଟୋକୁ ପଛପଟୁ ଧକ୍କା ଦେଲା ଭ୍ୟାନ୍

# ଜଣେ ମୃତ, ୪ ଆହତ

**ଜଳେଶ୍ୱର,୨୨।୪(ସମିସ):** ୬୦ ନମ୍ବର ଜାତୀୟ ରାଜପଥ ଚାଲନ୍ତି ଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କର ଅକାଳ ମୃତ୍ୟୁ ଘଟିଛି। ମୃତକ ହେଲେ ଅର୍ଜୁନ ହେମ୍ବ୍ରମ। ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଗୋବରଘଟା ଗ୍ରାମର ୬ ଜଣ ଲୋକ ଏକ ଅଟୋ ଯୋଗେ ୬୦ ନଂ ଜାତୀୟ ରାଜପଥରେ ଚାଲନ୍ତି ଗ୍ରାମର ବନ୍ଧୁ ଘରକୁ ଯାଉଥିଲେ। ଠିକ୍ ସେତିକି ବେଳେ ଚାଲନ୍ତି ନିକଟରେ ଜଳେଶ୍ୱର ପଟୁ ବାଲେଶ୍ୱର ଆଡ଼କୁ ଆସୁଥିବା ଏକ ଭ୍ୟାନ୍ ଅଟୋ ପଛକୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ସମ୍ପୂର୍ଣ୍ଣ ଭାବେ ଓଲଟି ପଡ଼ିଥିଲା ବେଳେ ଗାଡି ତଳେ ଅର୍ଜୁନ ହେମ୍ବ୍ରମ(୫୮)ଚାପି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ଆଣିଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୪ ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜଳେଶ୍ୱର ପୁଲିସ ଭ୍ୟାନ ଓ ଚାଳକକୁ ଅଟକ ରଖି ତଦନ୍ତ ଜାରୀ ରଖିଛି। ଗୋବରଘାଟା ପଞ୍ଚାୟତର ସରପଞ୍ଚ ଚନ୍ଦନ କୁମାର କର ଓ ବ୍ଲକ ସଦସ୍ୟ ନାଥୁରାମ ହେମ୍ବ୍ରମ ହସ୍ପିଟାଲରେ ପହଞ୍ଚି ସମବେଦନା ଜ୍ଞାପନ କରିଛନ୍ତି।

# ପଥଚାରୀଙ୍କୁ ପାନୀୟ ଜଳ ବଣ୍ଟନ



**ଜଳେଶ୍ୱର,୨୨।୪(ସମିସ):** ହୁତୁହୁତୁ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ। ପ୍ରଚଣ୍ଡ ଖରା ଓ ତାପମାତ୍ରା ବୃଦ୍ଧି ହେତୁ ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫର ୟୁ ଫାଉଣ୍ଡେସନ ଦ୍ୱାରା ସୋମବାର ପୂର୍ବାହ୍ଣରେ ଜଳେଶ୍ୱର ନନ୍ଦିକା ବାଇପାସ୍ ପୋଲ ତଳେ ହଜାରହଜାର ପଥଚାରୀଙ୍କୁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଛି। ସାପ୍ତାହିକ ହାଟ ଥିବାରୁ ଜଳେଶ୍ୱର ପଶ୍ଚିମବାର୍ଡ ରାସ୍ତାରେ ଅନେକ ପଥଚାରୀଙ୍କ ଯିବାଆସିବା ଭିଡ଼ ରହିଥାଏ ଏବଂ ସେହି ପୋଲ ତଳେ ଅନେକ ପଥଚାରୀ ବିଶ୍ରାମ ମଧ୍ୟ ନିଅନ୍ତି। ପଥଚାରୀମାନଙ୍କୁ ଲେମ୍ବୁ ପାଣି, ଦହି ସରବତ, କାକୁଡି ଓ ତରଭୁଜ ପ୍ରଦାନ କରାଯାଇଥିଲା। ଜଳ ହିଁ ଜୀବନ ଏହି ମହତ ଉଦ୍ଦେଶ୍ୟରେ ସଂଗଠନର କର୍ମକର୍ତ୍ତାମାନେ ବାଟୋଇଙ୍କ ମୁହଁରେ ହସ ଫୁଟାଇବା ସହ ଜଳ ଦାନ ପାଇଁ ସଂଗଠନର କର୍ମକର୍ତ୍ତାମାନେ ଅଣ୍ଟା ଭିଡ଼ିଥିଲେ।

ପ୍ରଚଣ୍ଡ ତାତିରେ ବେପାର ମାନ୍ଦା

# ରୌଦ୍ରତାପରେ ଶଢ଼ିବାରେ ଲାଗିଛି ଫଳ ଓ ପରିବା



**ଚନ୍ଦନେଶ୍ୱର,୨୨।୪(ସମିସ):** ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ତାପମାତ୍ରା। ଚନ୍ଦନେଶ୍ୱର ଓ ଭୋଗରାଇ ସହିତ ସମଗ୍ର ଓଡ଼ିଶା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କାରଣରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ତାତି କୋପରୁ ଦିନ ୧୦ଟା ପରେ ଘରୁ ବାହାରକୁ ବାହାରିବାକୁ ସାହସ କରିପାରୁନାହାନ୍ତି ଲୋକେ। ଗତ କିଛିଦିନ ହେବ ଭୋଗରାଇର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଉପରବେଳା ୫ଟା ପର୍ଯ୍ୟନ୍ତ ଖରା ସହ ଗୁଳୁଗୁଳି ହେଉଛି। ଫଳରେ ତାତିରେ ଭୋଗରାଇ ବାସିନ୍ଦା ଅତିଷ୍ଠ ହୋଇପଡ଼ିଲେଣି। ତାତିର ପ୍ରଭାବ ବିଶେଷଭାବେ ବ୍ୟବସାୟ ଉପରେ ପଡୁଛି। ଦିନବେଳା ଲୋକେ ଘରୁ ବାହାରକୁ ବାହାରୁ ନ ଥିବାରୁ ରାସ୍ତାରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ବ୍ୟାପାର ମାନ୍ଦା ହେଉଛି। ଚନ୍ଦନେଶ୍ୱର ଶୈବପୀଠରେ ପ୍ରବଳ ଗରମ ପାଇଁ ଶ୍ରଦ୍ଧାଳୁ କମ୍ ହେବା ସହିତ ଫଳ ଦୋକାନୀଙ୍କ ଫଳ ସବୁ ଗରମ ହୋଇ ସିଝିଯିବା ଓ ଶଢ଼ିଯିବା ଫଳରେ ସେମାନେ ପ୍ରବଳ କ୍ଷତି ସହିବା ସହିତ ଅଧିକ ଦାମରେ ଫଳ ବିକିବାକୁ ବାଧ ହେଉଛନ୍ତି। ପ୍ରଚଣ୍ଡ ଖରାକୁ ବ୍ୟାପାର ମାନ୍ଦା ହେବା ଏବେ ବ୍ୟବସାୟୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଆଗରୁ ଯେମିତି ବ୍ୟବସାୟ ହେଉଥିଲା ଏବେ ସେମିତି ହେଉନି। ପୂର୍ବରୁ ଦିନକୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟ ହେଉଥିବାବେଳେ ଏବେ ୧ହଜାର ଛୁଇଁବା ମୁସ୍କିଲ ହୋଇପଡ଼ିଛି। ଖରା କାରଣରୁ ରାତି ୪ଟାରୁ ପ୍ରସ୍ତୁତ ହେଉଥିବା ଦହିବରାଆଳୁଦମ୍ ଦିନ ୧୨ଟା ବେଳକୁ ନଷ୍ଟ ହୋଇଯାଉଛି। ଫଳରେ ବହୁତ କ୍ଷତି ସହିବାକୁ ପଡୁଛି। ରାସ୍ତା ପାଶ୍ୱର୍ରେ ତଥା ବଜାରରେ ପରିବା ବ୍ୟବସାୟୀଙ୍କ ପୂର୍ବାହ୍ନ ୧୦ଟା ପରେ ବ୍ୟବସାୟ ହୋଇପାରୁ ନାହିଁ। ଅତ୍ୟଧିକ ଖରା କାରଣରୁ ପରିବା ପଚିଶଢ଼ି ଯାଉଛି। ସେଥିପାଇଁ ଦର ମଧ୍ୟ ବୃଦ୍ଧି ହେବାରୁ ଲୋକେ କମ୍ କିଣୁଛନ୍ତି। ତରଭୁଜ ବେପାର ମଧ୍ୟ ସେତେଟା ବିକ୍ରି ହେଉନାହିଁ। କହିବାକୁ ଗଲେ ଖରା ଯୋଗୁ ବ୍ୟବସାୟ ପୂରା ମାନ୍ଦା ହୋଇଯାଇଛି। ଖରା କାରଣରୁ ଦିନବେଳା ସେତେ ଲୋକ ଯିବାଆସିବା କରୁନାହାନ୍ତି। ଆଗରୁ ଦିନକୁ ୨୦୦ରୁ ୩୦୦ ପଇଡ଼ ବିକ୍ରି ହେଉଥିବା ବେଳେ ଏବେ ପଇଡ଼ ଭିତର ପାଣି ଗରମ ପାଇଁ ୫୦ଟି ପଇଡ଼ ବିକ୍ରି ହେଉନି। ଲୋକେ ଏବେ ପଇଡ଼ ଅପେକ୍ଷା ଥଣ୍ଡା ପାନୀୟ ଦୋକାନରେ ଭିଡ଼ ଜମାଉଛନ୍ତି। ତେଣୁ ବ୍ୟବସାୟ ପାଖାପାଖି ଅଧାରୁ କମ୍ ହେଉଛି। ଚନ୍ଦନେଶ୍ୱର ମନ୍ଦିର ପରିସରରେ ତଳେ ତାୱାର ତତଲା ତାତି ଭଳି ଗରମ ହେଉଥିବାରୁ ପାଦରେ ଫୋଟକା ସୃଷ୍ଟି ହେବାରେ ଲାଗିଛି। ତଥାପି ଆଜି ସୋମବାର ଶତାଧିକ ମାନସିକଧାରୀ ମଣ୍ଡନ ହୋଇଥିବା ଦେଖିବାକୁ ମିଳିଛି। ଟାଇଁଟାଇଁ ଖରାକୁ ଲୋକ ଅନୁଯାୟୀ ଟୋପି ବିକ୍ରୀ ଠିକଠାକ ଚାଲିଛି। ଲସି ଓ ସର୍ବତ ବିକାଳୀର କାଁଭାଁ ଗରାଖ ଆସିଲେ ନ ହେଲେ ନିଜେ ତାତିରୁ ତ୍ରାହି ପାଇବା ପାଇଁ ପିଇ ପକାଉଛନ୍ତି। ବିଦେଶୀ ପର୍ଯ୍ୟଟକ ନିସ୍ତବ୍ଧ ମଧ୍ୟାହ୍ନରେ ଏସି ଯୁକ୍ତ ହୋଟେଲ ଖୋଜି ତାଳସାରି ଓ ଦୀଘା ଅଭିମୁଖେ ପଳାଉଛନ୍ତି। ସମସ୍ତେ ଅସରାଏ ବର୍ଷା ହେଲେ ଟିକିଏ ରାମରାମ ଲାଗିବ ବୋଲି କହୁଛନ୍ତି। ଲଗାତର ଏମିତି ଗରମ ପ୍ରଭାବରେ ଧନଜୀବନ ଆଉଟୁପାଉଟୁ ହେବାରେ ଲାଗିଛି। ପରିବାରର ଗୁଜୁରାଣ ମେଣ୍ଟାଇବା ତଥା ମୂଳଧନର ସୁରକ୍ଷା ପାଇଁ ଗରାଖ ଆଉକି ନ ଆଉ ଫଳ, ପରିବା ସମେତ ବ୍ୟବସାୟୀଙ୍କୁ ଦୋକାନ ଖୋଲିବା ପାଇଁ ପଡୁଛି ବୋଲି ଚନ୍ଦନେଶ୍ୱରର ଉଠା ଦୋକାନୀ ନିମାୟ ଚରଣ ଦାସ, ରଶ୍ମିତା ପଣ୍ଡା, ଗୋବିନ୍ଦ ଦାସ, ରେହାନ ବିବି ଓ ଆଦିତ୍ୟ କୁମାର ଦାସ ପ୍ରମୁଖ ମତବ୍ୟକ୍ତ କରିଛନ୍ତି।

## ନିଆଁର ଆଁ ଭିତରେ ପାଟଣା ରେଞ୍ଜ

# ଦେଓଗାଁ ଗ୍ରାମ୍ୟ ଜଙ୍ଗଲରେ ଭୟଙ୍କର ଅଗ୍ନିକାଣ୍ଡ

**ତୁରୁମୁଙ୍ଗା,୨୨।୪(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜର ବିଭିନ୍ନ ଜଙ୍ଗଲ ଏବେ ନିଆଁର ଆଁ ଭିତରେ। ତାପମାତ୍ରା ବଢିବା ସହ ହୁହୁ ହୋଇ ଜଳୁଛି ଗ୍ରାମ୍ୟ ଜଙ୍ଗଲ। ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ରାଜନଗର ଗ୍ରାମର ଦେଓଗାଁ ଗ୍ରାମ୍ୟ ଜଙ୍ଗଲରେ ସୋମବାର ଅଗ୍ନିକାଣ୍ଡ ଘଟି ବହୁ ଗଛ ଜଳିପଡି ନଷ୍ଟ ହୋଇଯାଇଥିବା ବେଳେ ଜଙ୍ଗଲ ନିଆଁ ଗାଁ ମୁହାଁ ହେଉଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଥିଲେ। ଜଙ୍ଗଲରେ ଭୟଙ୍କର ଅଗ୍ନିକାଣ୍ଡ ଯୋଗୁଁ ରାଜନଗର ଏବଂ ଏହାର ଆଖପାଖ ଗାଁ ଧୂଆଁମୟ ହୋଇଯିବା ସହ ଲୋକେ ଧୂଆଁ ଯୋଗୁଁ ଅଣ ନିଶ୍ୱାସୀ ହୋଇପଡିଥିଲେ। ନିଆଁର ପ୍ରକୋପ ଏତେ ଥିଲା ଯେ ଚାହୁଁ ଚାହୁଁ ଜଙ୍ଗଲର ଚାରିଆଡେ ନିଆଁ ବ୍ୟାପିଯାଇ ଗାଁ ଆଡ଼କୁ ମାଡି ଯାଇଥିଲା। ସ୍ଥାନୀୟ ଲୋକେ ପାଣି ବୋହି ନିଆଁ ଲିଭାଇ କୁ ଚେଷ୍ଟା କରୁଥିବା ବେଳେ ନିଆଁ ଲିଭା କାର୍ଯ୍ୟରେ ଗୋଟିଏ ଦମକଳ ଗାଡି ନିୟୋଜିତ ହୋଇ ଦୁଇଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବା କାରଣ ଅସ୍ପଷ୍ଟ ଥିବା ବେଳେ ଧୂମ୍ରପାନ ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ସେହିପରି ସୋମବାର ଅପରାହ୍ନରେ ସାହାରପଡା ସେକ୍ସନ ସିଲିପଦା ହୁଡ଼ି ନିକଟ ପଟାସ ଜଙ୍ଗଲରେ ମଧ୍ୟ ଅଗ୍ନିକାଣ୍ଡ ଘଟି ଅନେକ ଗଛ ଜଳିପୋଡି ନଷ୍ଟ




ଧୂଆଁମୟ ହୋଇଗଲା ରାଜନଗର ଗ୍ରାମ

ହୋଇଯାଇଛି ପାଟଣା ଅଗ୍ନିଶମ ବାହିନୀ ପହଁଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥି ସହ ସ୍ୱାମ୍ ନିକଟରେ ଏକ ପଡିଆ ପୁଟୁଳିଆ ଗାଁ ନିକଟ ପଡିଆରେ ନିଆଁ ଲାଗି ବାଉଁଶ ମେଟା ପଡି ନଷ୍ଟ ହେବା ସହ ବାଡ଼ ଜଳିପୋଡି ନଷ୍ଟ ହୋଇଯାଇଛି। ବାସୁଦେବ ମହାନ୍ତ ଘର ଏବଂ ଘର ସମ୍ମୁଖରେ ଥିବା ବୋଲେରୋ ଓ କୁକୁଡା ଫାର୍ମ ଘର ଅଳ୍ପକେ ବର୍ତ୍ତି ଯାଇଛି। ଅଳ୍ପକେ ଲାଗିଥିବା ନିଆଁକୁ ଆୟତ୍ତ କରିଛନ୍ତି ଅଗ୍ନିଶମ ବାହିନୀ। ଏନେଇ କେନ୍ଦୁଝର ଡିଏଫ୍ଓ ଏଚ୍‌ଡି ଧନରାଜ୍‌ଙ୍କ କହିବା କଥା ଜଙ୍ଗଲରେ ନିଆଁ ଲାଗିଲେ ବନ କର୍ମଚାରୀ ଯାଇ ନିଆଁ ଲିଭାଉଛନ୍ତି। ଖରା ଯୋଗୁଁ ତାପମାତ୍ରା ବୃଦ୍ଧି ପାଉଥିବାରୁ ଜଙ୍ଗଲରେ ନିଆଁ ଲାଗୁଛି। ଶତକଡା ୯୦ ଭାଗ ଜଙ୍ଗଲ ନିଆଁ ମଣିଷ କୃତ ଯୋଗୁଁ ଲାଗୁଛି। ବନାଗ୍ନି ରୋକିବା ପାଇଁ ବନ ବିଭାଗ ପକ୍ଷରୁ ମହିଳାମାନଙ୍କୁ ନେଇ ସଚେତନତା କରାଯିବା ସହ ମହୁଲ ଗଛ ମୂଳ ସଫା କରାଯାଇଛି। ନିଆଁ ରୋକିବା ପାଇଁ ଫାୟାର ଲାଇନ୍ କରାଯାଉଛି। ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀମାନଙ୍କ ଉପରେ ନଜର ରଖାଯିବା ସହ ଜଙ୍ଗଲ ରେ ନିଆଁ ଲଗାଉଥିବା ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ଯାଉଥିବା କହିଛନ୍ତି।

## ଆତଙ୍କ ଖେଳାଇଛି ଗୋଠଛଡ଼ା ଦନ୍ତା



**ତୁରୁମୁଙ୍ଗା,୨୨।୪(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ଏକ ଗୋଠ ଛଡା ଦୁଇ ଦିନ ହେବ ଆତଙ୍କ ଖେଳାଇଛି ରବିବାର ବିଳମ୍ବିତ ରାତିରେ ମାଧପୁର ଗ୍ରାମରେ ଧସେଇ ପଶି ଗ୍ରାମର ବାବୁଲା ମୁଣ୍ଡାଙ୍କ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛି। ଏଥି ସହ ଗାଲଫୁଲା ଗ୍ରାମର ବୈଶାଖୁ ମୁଣ୍ଡାଙ୍କ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ବୋହି ନେଇ ନଷ୍ଟ କରିଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଗୋଠଛଡା ଦନ୍ତା ଗାଲଫୁଲା ଗାଁ ନିକଟ ଜଙ୍ଗଲରେ ଡେରା ପକାଇଥିବା ବନ ବିଭାଗ ପକ୍ଷରୁ ସୁଚନା ମିଳିଛି। ଗାଁ ନିକଟରେ ହାତୀ ବୁଲୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛି।

## ଅତାରେ ମା' ବ୍ରାହ୍ମଣୀଦେବୀଙ୍କ ପ୍ରଥମ ବାର୍ଷିକ ଉତ୍ସବ



**ଆନନ୍ଦପୁର,୨୨।୪(ସମିସ):** ସ୍ଥାନୀୟ ବାତୋ ପଞ୍ଚାୟତର ଅତା ଗ୍ରାମରେ ମା' ବ୍ରାହ୍ମଣୀ ଦେବୀଙ୍କ ପ୍ରଥମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଭାବ ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟିର ସମ୍ପାଦକ ପ୍ରଶାନ୍ତ କୁମାର ପାଲଙ୍କ ତତ୍ତ୍ୱାବଧାନ ଓ ଗ୍ରାମବାସୀଙ୍କ ସହଯୋଗରେ ୩ ଦିନ ଧରି ଏହି ଉତ୍ସବ ପାଳିତ ହୋଇଥିଲା। ଏହି ଉପଲକ୍ଷେ ପୂଣ୍ୟତୋୟା ବୈତରଣୀ ନଦୀରୁ କଳସ ଏକ ଶୋଭାଯାତ୍ରାରେ ଅଣାଯାଇ ଗାଁ ପରିକ୍ରମା କରିବା ପରେ ପୂଜା ମଣ୍ଡପରେ ଘଟସ୍ଥାପନ କରାଯାଇଥିଲା। ପଣ୍ଡିତ ନିରଞ୍ଜନ କର, ପଣ୍ଡିତ ପନଚାନନ ଶତପଥୀ, ପଣ୍ଡିତ ସ୍ୱାଧୀନ ତ୍ରିପାଠୀ, ପଣ୍ଡିତ ଚନ୍ଦନ ପଣ୍ଡା, ପଣ୍ଡିତ ବିଶ୍ୱରଞ୍ଜନ ମିଶ୍ର, ପଣ୍ଡିତ ବାବାଜୀ ପଣ୍ଡା, ପଣ୍ଡିତ ରବିନ୍ଦ୍ର ଶତପଥୀଙ୍କ ବେଦପାଠ ପରେ ମା ବ୍ରାହ୍ମଣୀଦେବୀଙ୍କ ପୂଜାର୍ଚ୍ଚନା ଯଥା ରୀତିନୀତିରେ ପାଳିତ ହୋଇଥିଲା। କମିଟିର ସଭାପତି ରଘୁନାଥ ପାଲ, ପତ୍ନି ଭାରତୀ ପାଲ କର୍ତା ଭାବେ ଯଜ୍ଞ କର୍ମ ନିର୍ବାହ କରିଥିଲେ। ଏହି ଦିବ୍ୟ କାର୍ଯ୍ୟକ୍ରମରେ ପୂଜା ମଣ୍ଡପରେ ମାଙ୍କୁ ଦର୍ଶନ କରିବା ନିମନ୍ତେ ଆଖପାଖ ଅଂଚଳରୁ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ରେ ଶ୍ରଦ୍ଧାଳୁମାନେ ଯୋଗ ଦେଇ ଘୃତ ଆହୁତି ଦେଇଥିଲେ। ଗୌର ଭକ୍ତମାନଙ୍କ ଦ୍ୱାରା ଅଖଣ୍ଡ ନାମ ସଂକୀର୍ତ୍ତନ କରାଯାଇଥିବା ବେଳେ ପ୍ରତ୍ୟହ ସନ୍ଧ୍ୟାରେ ଓଡିଶାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ମାନଙ୍କୁ ନେଇ ଭକ୍ତି ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ କମିଟି ସଦସ୍ୟ ଯୁଧିଷ୍ଠିର ନାଥ, ବାଇନ ପାଗଳ, ଅନାଥ ବେଜ୍, ଚିନ୍ମୟ ନାଥ, ବିଷ୍ଣୁ ମୋହନ ପାଗଳ, ସମ୍ରାଟ ଶେଖର ପାଲ, ଲିଟୁ ନାଥ, ସୁରେନ୍ଦ୍ର ପାଗଳ, ସୁଶୀଲ ନାଥ, ପ୍ରଦୀପ ପାଗଳ, ରମେଶ ନାଥ ପମୁଖ ପରିଚାଳନା କରିଥିଲେ।

## ମ୍ୟୁନିସିପାଲ୍‌ଟି ଜଳଛତ୍ର କେନ୍ଦ୍ରରେ ଟଙ୍କ ତୋରାଣି ବଣ୍ଟନ




**ଆନନ୍ଦପୁର,୨୨।୪(ସମିସ):** ଆନନ୍ଦପୁର ପୌରପାଳିକା ପକ୍ଷରୁ ମ୍ୟୁନିସପାଲିଟି ଛକରେ ଖୋଲାଯାଇଥିବା ଜଳଛତ୍ର କେନ୍ଦ୍ରରେ ସ୍ଥାନୀୟ ଯୁବଗୋଷ୍ଠୀ ମାନଙ୍କ ପକ୍ଷରୁ ବାଟୋଇ ଓ ପଥଚାରୀମାନଙ୍କୁ ଥଣ୍ଡାପାଣି, ଟଙ୍କ ତୋରାଣୀ, ପଇଡ ପାଣି ଓ ବେଲପଣା ବିତରଣ କରାଯାଇଥିଲା। ବିଭିନ୍ନ ୱାର୍ଡରେ ଖୋଲାଯାଇଥିବା ଏହି ଜଳଛତ୍ର କେନ୍ଦ୍ର ପ୍ରବଳ ଗ୍ରୀଷ୍ମ ପ୍ରବାହରେ ବାଟୋଇ ମାନଙ୍କ ପାଇଁ ବେଶ୍ ସହାୟକ ହୋଇଥିବା ବେଳେ ଯୁବଗୋଷ୍ଠୀମାନଙ୍କ ସହଯୋଗ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି। କାର୍ଯ୍ୟକ୍ରମରେ ଯୁବଗୋଷ୍ଠୀ ପକ୍ଷରୁ କିଶୋର ଚନ୍ଦ୍ର ନାହକ, ବାବୁଲି ରାମ, ଦିଲୀପ ଦଳେଇ, ବିଜୁ ଦଳେଇ, ପ୍ରଦୀପ ଖୁଣ୍ଟିଆ, ପରେଶ କୁମାର ସାହୁ, ବଳଭଦ୍ର ମଙ୍ଗଳ, ଟୁକୁନା ମୁଦୁଲି, ସୁଶାନ୍ତ ଖଟୁଆ ପ୍ରମୁଖ ସହଯୋଗ କରିଥିଲେ।

## ଅନ୍‌ଲାଇନ୍‌ରେ ବିଦ୍ୟୁତ୍ ଦେୟ ପୈଠ

# ହିତାଧିକାରୀଙ୍କୁ ଅମୃତ କୁମ୍ଭ ପୁରସ୍କାର

**ଚମ୍ପୁଆ,୨୨।୪(ସମିସ):** ଅନ୍‌ଲାଇନ ମାଧ୍ୟମରେ ବିଦ୍ୟୁତ ପୈଠ କରି ୨ ବିଦ୍ୟୁତ ଉପଭୋକ୍ତାଙ୍କୁ ଟିପିଏନ୍‌ଓଡିଏଲ ଚମ୍ପୁଆ କାର୍ଯ୍ୟାଳୟ ପକ୍ଷରୁ ମୋବାଇଲ ପୁରସ୍କାର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ଚମ୍ପୁଆ ଟିପିଏନଓଡିଏଲ ବିଭାଗ ଅଧୀନରେ ୧୮ ହଜାରରୁ ଅଧିକ ଉପଭୋକ୍ତା ରହିଛନ୍ତି। ଏହି ଉପଭୋକ୍ତା ମାନେ ନିୟମିତ ଭାବେ ବିଦ୍ୟୁତ ବ୍ୟବହାର କରିବା ସହିତ ଅନ୍‌ଲାଇନ ଓ ଅଫଲାଇନ୍ ମାଧ୍ୟମରେ ବିଦ୍ୟୁତ ଦେୟ ପୈଠ କରିଆସୁଛନ୍ତି। ପୂର୍ବରୁ କମ୍ପାନୀ ପକ୍ଷରୁ ଅନଲାଇନ୍ ବିଦ୍ୟୁତ ଦେୟ ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରାୟ ୧ ବର୍ଷର ଅନଲାଇନ ଦେୟ ପୈଠ ରେକର୍ଡକୁ ଦେଖି ଉପଭୋକ୍ତାଙ୍କୁ ଚୟନ କରାଯାଇ ତାଙ୍କ ମଧ୍ୟରେ ଧର୍ମ ଗୁଳା ପକାଯାଇଥିଲା। ଏହି ଧର୍ମ ଗୁଳାରେ ବସୁମତୀ ନାଏକ ଓ ଏମ୍‌ଡି ଫାଇମ ବିଜୟୀ ହୋଇଥିଲେ। ଏହି ବିଜୟୀ ଉପଭୋକ୍ତାଙ୍କୁ ପୁରସ୍କାର ସ୍ୱରୂପ ସାମସଙ୍ଗ ଗ୍ୟାଲେକ୍ସି ଏ୦୫




ମୋବାଇଲ ହ୍ୟାଣ୍ଡ ସେଟ୍ ପ୍ରଦାନ କରାଯାଇଥିଲା। ଟିପିଏନଓଡିଏଲ କାର୍ଯ୍ୟାଳୟ ଠାରେ ଭାରପ୍ରାପ୍ତ ଅଧିକାରୀ ଜ୍ଞାନରଞ୍ଜନ ମହାରଣା ଓ ସହକାରୀ ହିସାବ ରକ୍ଷକ ପ୍ରାଣକୃଷ୍ଣ ହେମ୍ବ୍ରମ ଏହି ଉପଭୋକ୍ତା ଦୁହେଁଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ସାଇଁକୁଳରେ ମିଳିଲା କୁକୁର ଓ ସାପ କାମୁଡ଼ା ଟିକା

**ରାମଚନ୍ଦ୍ରପୁର,୨୨।୪(ସମିସ):** ଦୀର୍ଘ ଦିନ ପରେ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ହେଲା କୁକୁର ଓ ସାପ କାମୁଡା ପ୍ରତିଷେଧକ ଟିକା। ଦୀର୍ଘ ଦିନ ହେଲା ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଏହି ଟିକା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭରଶୀଳ ହେଉଥିଲେ। କେତେକ କ୍ଷେତ୍ରରେ ସାପ କାମୁଡା ରୋଗୀ ଡାକ୍ତରଖାନାରେ ପହଞ୍ଚିବା ବିଳମ୍ବ ଯୋଗୁଁ ମୃତ୍ୟୁ ମୁଖରେ ପଡୁଥିଲେ। ଏଥି ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି ହେବା ପରେ ଆଜି ଠାରୁ ବିଧିବଦ୍ଧ ଭାବେ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ କୁକୁର କାମୁଡା ପ୍ରତିଷେଧକ ଟିକା ଦିଆଯାଉଛି। ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ରଞ୍ଜିବ କୁମାର ରାଉତଙ୍କ ମାର୍ଗଦର୍ଶନରେ, ଡାକ୍ତର ସୁଚରିତା ପଟ୍ଟନାୟକ, ଶିଶୁରୋଗ ବିଶେଷଜ୍ଞ ଡାକ୍ତର ବିଜନ୍ ନାୟକ, ଫାର୍ମାସିଷ୍ଟ କବିନ୍ଦ୍ର ସାହୁ, ବିପିଏମ୍ ଦେବାଶିଷ ଭଟ୍ଟ, ମନୋଜ ରାଉତ, ବଦ୍ରିନାରାୟଣ ରାଉତ, ପ୍ରୀତିରଞ୍ଜନ ଚକ୍ର ପ୍ରମୁଖ ଉପସ୍ଥିତି ରହି ସ୍ଥାନିୟ ମଦନପୁର ଗ୍ରାମର ପ୍ରକାଶ କୁଅଁର(୧୨)ଙ୍କୁ କୁକୁର କାମୁଡ଼ା ପ୍ରତିଷେଧକ ଟିକାର ପ୍ରଥମ ଡୋଜ୍ ଦିଆଯାଇଥିଲା। ମହିଳା ସ୍ୱାସ୍ଥ୍ୟକର୍ମୀ ନିବେଦିତା ମାଝୀ ସହାୟତା ପ୍ରଦାନ କରିଥିଲେ। ଦୀର୍ଘ ଦିନର ପ୍ରତିକ୍ଷା ପରେ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର ଏବଂ ସାପ କାମୁଡା ପ୍ରତିଷେଧକ ଟିକା ଉପଲବ୍ଧ ହେଉଥିବାରୁ ଅଞ୍ଚଳବାସୀ ଏହାର ସୁଯୋଗ ନେବାକୁ ସାଇଁକୁଳ ଆଞ୍ଚଳିକ ବୁଦ୍ଧିଜୀବୀ ନାଗରିକ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି।



# ବିପଦସଂକୁଳ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

**ତେଲକୋଇ,୨୨।୪(ସମିସ):** ତେଲକୋଇ ବ୍ଲକ ପରିସରରେ ରହିଛି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ। ଉକ୍ତ କାର୍ଯ୍ୟାଳୟର ଗୃହ ନିର୍ମାଣ ୨୦୧୩ ମସିହାରେ ହୋଇଥଲା। ତେବେ ଉକ୍ତ କାର୍ଯ୍ୟାଳୟର ଗୃହ ସବୁ ଏବେ ବିପଦ ସଂକୁଳ ଅବସ୍ଥାରେ ରହିଛି। କାର୍ଯ୍ୟାଳୟର ଚାରିପାଖ ଫାଟି ଆଁ କରିରହିଛି। ସାମାନ୍ୟ ବାତ୍ୟା ହେଲେ ଭୁଶୁଡି ପଡ଼ିବା ଆଶଙ୍କା ରହିଛି। ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ଭୟଭୀତ ଅବସ୍ଥାରେ କାର୍ଯ୍ୟ କରୁଥିବା ବେଳେ ଗୁରୁତ୍ୱପୂର୍ଣ୍ଣ କମ୍ପ୍ୟୁଟର ଆବଶ୍ୟକୀୟ କାଗଜପତ୍ର ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଫାଇଲ୍ ରହିଛି। ଶିକ୍ଷା ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିଲେ ମଧ୍ୟ ଅଦ୍ୟାବଧି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ବ୍ଲକର ବିଭିନ୍ନ ବିଦ୍ୟାଳୟ ଗୁଡ଼ିକର ଉନ୍ନତି କରଣ ନିମନ୍ତେ ବହୁ ଅର୍ଥ ଖର୍ଚ୍ଚ କରାଯାଇଥିଲେ ସୁଦ୍ଧା ମୁଖ୍ୟ କାର୍ଯ୍ୟାଳୟକୁ ଜିଲ୍ଲା ପ୍ରଶାସନ ଓ ରାଜନେତାଙ୍କ ଦୃଷ୍ଟି ପଡ଼ି ନଥିବା ପରିତାପର ବିଷୟ। ଅନ୍ୟ ପକ୍ଷରେ ରାଜ୍ୟ ସରକାର ବହୁ ଅର୍ଥ ଖର୍ଚ୍ଚ କରି ଶିକ୍ଷାର ବିକାଶ ପାଇଁ ବହୁ ଅର୍ଥ ବ୍ୟୟ କରିଥିବା ବେଳେ ସ୍ଥାନୀୟ ପ୍ରଶାସନ ଓ ରାଜନେତାଙ୍କ ମନମାନୀ ପାଇଁ କାର୍ଯ୍ୟାଳୟ ପ୍ରତି ଅବହେଳା କରାଯାଇଥିବା ମନେହୁଏ। ତେବେ ଉକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ କରାଯିବା ନେଇ ଜିଲ୍ଲା ପ୍ରଶାସନର ଦୃଷ୍ଟି ଗୁରୁତ୍ୱପୂର୍ଣ୍ଣ ରହିଛି। ତୁରନ୍ତ ଶିକ୍ଷା ବିଭାଗର ଗୃହ ନିର୍ମାଣ କରାଯିବା ପାଇଁ ଜିଲ୍ଲାପାଳଙ୍କୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



# ଧରଣୀଧର ବିଶ୍ୱବିଦ୍ୟାଳୟରେ ପୃଥିବୀ ଦିବସ ପାଳିତ

**କେନ୍ଦୁଝର,୨୨।୪(ସମିସ):** ଧରଣୀଧର ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗରେ ଓଏସଡ଼ି ତଥା ଭାରପ୍ରାପ୍ତ କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପୃଥିବୀ ଦିବସ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟବକ୍ତା ଭାବେ ପ୍ରଫେସର ବନବିହାରୀ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରଦୁ୍ୟଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କୁମାର କର, ମୁଖ୍ୟଅତିଥି ଭାବେ ସ୍ନାତକୋତ୍ତର ପରିଷଦ ମୁଖ୍ୟ ପ୍ରଫେସର ସତ୍ୟବ୍ରତ ମିଶ୍ର, ଭୂତତ୍ତ୍ୱବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରକାଶ ଚନ୍ଦ୍ର ବେହେରା ଓ ସଂଯୋଜକ ଡ. ପ୍ରଭୁ ପ୍ରସାଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱ ପୃଥିବୀ ଦିବସରେ ଚଳିତ ବର୍ଷର ରହିଥିବା ଥିମ 'ପ୍ଲାଷ୍ଟିକ ଓ ପୃଥିବୀ' ବିଷୟରେ ବିଶେଷ ଭାବେ ଆଲୋକପାତ କରିଥିଲେ। ପ୍ରଦୁ୍ୟଷଣରୁ ସାରା ବିଶ୍ୱକୁ ରକ୍ଷା କରିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇ ବହୁ ସଂଖ୍ୟାରେ ବୃକ୍ଷରୋପଣ କରିବା ପାଇଁ ଡ. ବନବିହାରୀ ମିଶ୍ର ପିଲାଙ୍କୁ ନିବେଦନ କରିଥିଲେ। ସମୁଦ୍ର ଗର୍ଭରେ ଏବେ ବହୁ ପରିମାଣର ପ୍ଲାଷ୍ଟିକ ଆବର୍ଜନା ଗଚ୍ଛିତ ହେବା ଘୋର ଚିନ୍ତାଜନକ ବିଷୟ ଏବଂ ସାରା ବିଶ୍ୱ ଏଥିପାଇଁ ପଦକ୍ଷେପ ଗ୍ରହଣ କରିବାର ସମୟ ଆସିଯାଇଛି। ଆଜି ବିଶ୍ୱକୁ ପ୍ଲାଷ୍ଟିକ କବଳରୁ ମୁକ୍ତ କରିବା ପାଇଁ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ପଡିବ ବୋଲି ସେ ଉଦ୍‌ବୋଧନ ଦେଇଥିଲେ। ବହୁ ପରିମାଣରେ ବୃକ୍ଷରୋପଣ ଓ ପରିବେଶର ସନ୍ତୁଳନ ହିଁ ବିଶ୍ୱ ଧରିତ୍ରୀ ଦିବସର ଅନୁଚିନ୍ତା ବୋଲି ପ୍ରଦୁ୍ୟଷଣ ନିୟନ୍ତ୍ରଣ ଆଞ୍ଚଳିକ ମୁଖ୍ୟ ଶ୍ରୀ କର କହିଥିଲେ। ଏହି କାର୍ଯ୍ୟକ୍ରମରେ ଡ. ପ୍ରଶାନ୍ତ କୁମାର ମିଶ୍ର, ଡ. ବିଶ୍ୱରଞ୍ଜନ ଧଳ, ଡ. ନବଘନ ମଲିକ, ଡ. ଶୁଚିସ୍ମିତା ଆଚାର୍ଯ୍ୟ, ଡ. ବିଜୟଲକ୍ଷ୍ମୀ ମହାପାତ୍ର, ଅନିନ୍ଦିତା ରାୟ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୂତତ୍ତ୍ୱବିଜ୍ଞାନ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## ପାନୀୟଜଳ ପାଇଁ ହନ୍ତସନ୍ତ ଜଟ ମୁଣ୍ଡାସାହି

# ଗରା ବାଲ୍‌ଟି ଧରି ବ୍ଲକ୍‌ରେ ଧାରଣା

**ତେଲକୋଇ,୨୨।୪(ସମିସ):** ଗାଁରେ ରହିଛି ଦୁଇଟି ନଳକୂପ। ଗୋଟିଏ ସମ୍ପୂର୍ଣ୍ଣ ଖରାପ ଓ ଅନ୍ୟଟିର ପାଣି ବ୍ୟବହାର ଯୋଗ୍ୟ ନୁହେଁ। ବସୁଧା ଯୋଜନାରେ ପାଇପ ଅଛି; କିନ୍ତୁ ୩ ମାସ ହେଲା ପାଣି ଆସୁନି। ଏଭଳି ସମସ୍ୟା ନେଇ ଆଜି ତେଲକୋଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି ମହିଳାମାନେ। ଏଭଳି ସମସ୍ୟା ରହିଛି ତେଲକୋଇ ବ୍ଲକ ଓରିଆ ବିରିଡା ପଞ୍ଚାୟତ ଅନ୍ତର୍ଗତ ଜଟ ମୁଣ୍ଡା ସାହିରେ। ଏହି ସାହିରେ ପ୍ରାୟ ୭୦ ପରିବାରର ୩୦୦ରୁ ଅଧିକ ଲୋକ ବସବାସ କରୁଥିବା ବେଳେ ପାଣି ପାଇଁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରପଞ୍ଚ, ବିଡିଓଠୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଯାଏ, ସବୁଠି ଅଭିଯୋଗ ପରେ ମଧ୍ୟ କେହି ଶୁଣିଲେନି। ଶେଷରେ ବାଧ୍ୟ ହୋଇ ଗରା-ବାଲଟି ଧରି ବିଡିଓଙ୍କ ପ୍ରକୋଷ୍ଠରେ ପହଞ୍ଚିଲେ ମହିଳା ମାନେ। ପ୍ରତିଥର ପରି ସମସ୍ୟାର ସମାଧାନ ହେବାର ଆଶା ଏବଂ ଆଶଙ୍କାର ସହ ଏଥର ବି ପ୍ରତିଶ୍ରୁତି ନେଇ ଫେରିଛନ୍ତି ମହିଳା ମାନେ। ଏନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୀତା ମୁର୍ମୁଙ୍କୁ ପଚାରିବାରୁ ଆସନ୍ତାକାଲି ଏହି ଗ୍ରାମର ପାନୀୟଜଳ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି।




# ଅବ୍ୟବସ୍ଥା ମଧ୍ୟରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ

**ଯୋଡ଼ା,୨୨।୪(ସମିସ)**

ଯୋଡ଼ା ସହରରେ ଥିବା ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟଟି ବ୍ୟାପକ ଅବ୍ୟବସ୍ଥା ଚାଲିଛି। ସ୍ଥାନୀୟ ଯୋଡା ବ୍ଲକର ବହୁ ଗ୍ରାମବାସୀ ସୂଚନା ଦେଇ କହିଛନ୍ତି ଯେ, ସ୍ଥାନୀୟ ଜଲହରୀ, ଯୁରୁଡ଼ି, ଜଜାଙ୍ଗ, ଭୂୟାଁ ରୋଇଡା, ବିରିକଳା, ଦେଓଝର, ବଡ କାଳୀ ମାଟି ପ୍ରଭୃତି ଗ୍ରାମ ଗୁଡ଼ିକର ଅଧିବାସୀ ମାନେ ସେମାନଙ୍କ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ଉପଯୁକ୍ତ ଭାବେ ପାଇ ପାରୁ ନାହାଁନ୍ତି। ଚିକିତ୍ସାଳୟରେ ଡାକ୍ତର ଥିଲେ ମଧ୍ୟ ପଶୁଧନ ନିରୀକ୍ଷକ, କର୍ମଚାରୀ ଅଭାବ, ସରକାରୀ ଔଷଧ ଯୋଗାଣର ଅଭାବ ରହିଛି। ଏପରିକି ଚିକିତ୍ସାଳୟକୁ ଯିବା ପାଇଁ ଏବେ ରାସ୍ତା ନାହିଁ। ରାସ୍ତା ଆଗରେ ବିରାଟ ମାଟିଗଦା। ସେଠାକୁ ଗୃହପାଳିତ ପଶୁ ନେଇ ଯିବା କଷ୍ଟକର। ଚିକିତ୍ସାଳୟରେ ଜଳ ସଂଯୋଗ ନାହିଁ। କର୍ମଚାରୀଙ୍କ ରହିବା ପାଇଁ ଘର ନାହିଁ। ଗୃହପାଳିତ ପଶୁଙ୍କ ଅସ୍ତ୍ରୋପଚାର ପାଇଁ ଅପରେସନ ଥିଏଟର ନାହିଁ। ଚିକିତ୍ସାଳୟରେ ଏହି ସବୁ ଅବହେଳା ସମ୍ପର୍କରେ ପ୍ରାଣୀ ଚିକିତ୍ସକ ଡାକ୍ତର ଜୀବନ କୁମାର ମୁଣ୍ଡାଙ୍କୁ ପଚାରିବାରୁ ସେ ପ୍ରାଣୀ ଚିକିତ୍ସାଳୟକୁ ଆପ୍ରୋଚ୍ ରୋଡ ପାଇଁ ବାରମ୍ବାର ରାସ୍ତା ନିର୍ମାଣକାରୀ ଠିକା ସଂସ୍ଥାକୁ କହିବା ପରେ ମଧ୍ୟ ଏଯାବତ୍ ଏହା କରାଯାଉ ନାହିଁ ବୋଲି କହିଥିଲେ। ଡାକ୍ତର ଖାନାକୁ ଜଳ ସଂଯୋଗୀକରଣ ହୋଇନାହିଁ। ପାଇପ ଓ ଟାଙ୍କି ଥାଇ ମଧ୍ୟ ଏହା ନଷ୍ଟ ହେବାକୁ ବସିଲାଣି। ଶ୍ରୀ ମୁଣ୍ଡା ମାତ୍ର ଏକ ସପ୍ତାହ ହେଲା କାର୍ଯ୍ୟରେ ଯୋଗ ଦେଇ କହିଛନ୍ତି। ପାଣି ଏବଂ ଷ୍ଟାଫ୍ କ୍ୱାଟର ନ ଥିବାରୁ ଡାକ୍ତରଖାନାରେ ଥିବା କର୍ମଚାରୀ ମାନେ ଦୂରରୁ ଏଠାକୁ ଆସୁଛନ୍ତି। ବର୍ତ୍ତମାନ ପ୍ରାଣୀ ଚିକିତ୍ସକ ଭାବେ ଦୁଇ ଜଣ ଡାକ୍ତର ଅଛନ୍ତି। ପଶୁ ଧନ ନିରୀକ୍ଷକ ୯ ଜଣ ରହିବା ସ୍ଥଳେ ମାତ୍ର ୪ଜଣ ଅଛନ୍ତି। ଚତୁର୍ଥ ଶ୍ରେଣୀ କର୍ମଚାରୀ ୪ଜଣ ଆବଶ୍ୟକ ଥିବା ବେଳେ ମାତ୍ର ଦୁଇ ଜଣ ରହିଛନ୍ତି। ଡାକ୍ତରଖାନାରେ ଜଗୁଆଳି ନାହାନ୍ତି। ତେବେ ନିଃଶୁଳ୍କ ପ୍ରାଣୀ ଆମ୍ବୁଲାନ୍ସ ଗାଡ଼ି ୧୯୬୨କୁ ଫୋନ କଲେ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଅପହଞ୍ଚ ସ୍ଥାନକୁ ମଧ୍ୟ ମାସକୁ ୨୦ଦିନ ପ୍ରାଣୀ ଆମ୍ବୁଲାନ୍ସ ଯାଇ ଚିକିତ୍ସା ସେବା ଯୋଗାଉଛି। ଗୃହପାଳିତ ପଶୁ ମାନଙ୍କୁ ହେଉଥିବା ଫାଟୁଆ ରୋଗ ନିରାକରଣ ପାଇଁ ଔଷଧ ଏବଂ ଚିକିତ୍ସା ସେବା ଯୋଗାଇ ଦିଆ ଯାଉଛି। ସୂଚନା ଯୋଗ୍ୟ ଯେ, ଯୋଡା ବ୍ଲକ ରେ ବଡ ଗୃହ ପାଳିତ ପଶୁ ଯଥା, ଗାଈ, ବାଛୁରୀ, ବଳଦ, ମଇଁଷିଙ୍କ ସଂଖ୍ୟା ପ୍ରାୟ ୨୬ହଜାର ଥିବା ବେଳେ ଛୋଟ ଗୃହ ପାଳିତ ପଶୁ ଯଥା ଛେଳି, ମେଣ୍ଢା, ଘୁଷୁରୀ ଙ୍କ ସଂଖ୍ୟା ପ୍ରାୟ ୧୪ହଜାର ରହିଛି। ଗୃହ ପାଳିତ ପକ୍ଷୀ ଯଥା କୁକୁଡ଼ା, ବତକ, ହଂସ ସଂଖ୍ୟା ପ୍ରାୟ ୩୦ହଜାର ଥିବା ପ୍ରାଣୀ ଚିକିତ୍ସାଳୟ ସୂତ୍ରରୁ ଜଣାପଡିଛି। ଆପ୍ରୋଚ ରୋଡ ସମ୍ପର୍କରେ ରାସ୍ତା ନିର୍ମାଣ କାରୀ ଠିକା ସଂସ୍ଥା ଡେଭରକ୍ସ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଭାଗିରଥି ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପ୍ରାଣୀ ଚିକିତ୍ସାଳୟର ପ୍ରବେଶ ପଥ ସମ୍ପର୍କରେ ସେ ଅବଗତ ଅଛନ୍ତି। ଖୁବ୍ ଶୀଘ୍ର ଏହାର ମରାମତି କରାଯିବ ବୋଲି କହିଛନ୍ତି। ତେଣେ ଅଞ୍ଚଳ ବାସୀ ଏହିଭଳି ଅବହେଳା ହେତୁ ବହୁ ସମସ୍ୟା ର ସମ୍ମୁଖୀନ ହେଉଛନ୍ତି। ଯଥା ଶୀଘ୍ର ଜିଲ୍ଲା ଖଣିଜ ପାଣ୍ଠିର ବିନିଯୋଗ କରି ପ୍ରାଣୀ ଚିକିତ୍ସାଳୟ ର ସୁଧାର ଆଣିବା ପାଇଁ ସାଧାରଣରେ ଦାବି କରିଛନ୍ତି।



